୬ ଦିବ୍ୟା ଦେଶମୁଖ ହେଲେ ବିଶ୍ୱ ଚେସ୍ ଚାମ୍ପିଅନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୧୮୧ ● ୨୯ ଜୁଲାଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-181 ● 29th July 2025, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଲୋକଙ୍କ ସୁଖଦୁଃଖରେ ଅଛନ୍ତି 'ଲୋକଙ୍କ ସରକାର'

## ୯୧ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୩ତମ ପାଳି। ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ




ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୯ ଜଣ ବରିଷ୍ଠ ମନ୍ତ୍ରୀ ଏଠାରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।

ସକାଳଠାରୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ ଲାଗିରହିଥିଲା। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି, ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠିଥିଲା।

ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ (ପୃଷ୍ଠା ୭ରେ)

# ସଂସଦରେ ଅପରେସନ ସିନ୍ଦୂର'ର ସଫଳତା ବଖାଣିଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୭

ସୋମବାର ଲୋକସଭାରେ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା ଆରମ୍ଭ ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନାରେ ଅଂଶଗ୍ରହଣ କରି ଅପରେସନ ସିନ୍ଦୂରର ସଫଳତା ବଖାଣିଛନ୍ତି। ତେବେ ବିରୋଧୀ ସରକାରଙ୍କୁ ନାନା ପ୍ରଶ୍ନ କରି ଘେରିଛନ୍ତି। ଯୁଦ୍ଧ ବିରତି କାହିଁକି କଲ ? ଏବେ ପିଓକେ ଆଣିବାନି ତ କେବେ ଆଣିବା ? ଏମିତି ଅନେକ ପ୍ରଶ୍ନ କରିଛନ୍ତି ବିରୋଧୀ।

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ, ଅପରେସନ ସିନ୍ଦୂରରେ ଭାରତର ସେନାବାହିନୀର କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କବାଦୀ ସେମାନଙ୍କ ହ୍ୟାଣ୍ଡଲର ଏବଂ ପ୍ରଶିକ୍ଷକ ନିପାତ ହୋଇଛନ୍ତି। ଅପରେସନ ସିନ୍ଦୂର ବନ୍ଦ ହୋଇନାହିଁ । ଏହା ସ୍ଥଗିତ ରହିଛି । ଭବିଷ୍ୟତରେ ପାକିସ୍ତାନ ତରଫରୁ କୌଣସି ଆତଙ୍କବାଦୀ ଆକ୍ରମଣ ହେଲେ ଏହାକୁ ପୁନର୍ବାର ଦୃଢ ଭାବେ ଆରମ୍ଭ କରାଯିବ।

ଆଲୋଚନା କାଳରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏବଂ ବିରୋଧୀ ଦଳ ନେତା ରାହୁଲ





ଗାନ୍ଧୀଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ରାଜନାଥ କହିଥିଲେ, ଭାରତୀୟ ସେନା ଯେତେବେଳେ ପାକିସ୍ତାନ ସୈନ୍ୟ ଠିକଣାଗୁଡ଼ିକୁ ଟାର୍ଗେଟ କଲା ସେତେବେଳେ ପଡୋଶୀ ଦେଶ ସମ୍ପୂର୍ଣ୍ଣ ହାର ମାନି ସାରିଥିଲା। ଏହା ପରେ ପାକିସ୍ତାନ ତରଫରୁ ଯୁଦ୍ଧବିରତି ପାଇଁ ଗୁହାରି କରାଯାଇଥିଲା । ରାଜନାଥଙ୍କ କଥା ନ ସରୁଣୁ ରାହୁଲ ତୁରନ୍ତ ଆସନରୁ ଉଠି ଆପଣ ଅପରେସନକୁ କାହିଁକି ରୋକିଥିଲେ ବୋଲି ପ୍ରଶ୍ନ କରିଥିଲେ। ରାହୁଲଙ୍କ ମନ୍ତବ୍ୟ ସହିତ ବିରୋଧୀ ସାଂସଦମାନେ ବି ଗୃହରେ ପାଟି କରିଥିଲେ। ତେବେ ରାଜନାଥ କହିଥିଲେ ମୋର ସମ୍ପୂର୍ଣ୍ଣ କଥା ଶେଷ ହେବାକୁ ଦିଅନ୍ତୁ, ମୁଁ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରହିଛି।

ଏହା ପରେ ରାଜନାଥ କହିଥିଲେ, କାହା ଚାପରେ ଅପରେସନ ରୋକାଯାଇଥିଲା ତାହା କହିବା ଭୁଲ। ଭାରତ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଇଥିଲା। ଯୁଦ୍ଧ କରିବା ଭାରତର ଉଦ୍ଦେଶ୍ୟ ନ ଥିଲା ବରଂ ଆତଙ୍କବାଦୀଙ୍କୁ ପ୍ରକ୍ସି ଭଳି ବ୍ୟବହାର କରୁଥିବା (ପୃଷ୍ଠା ୭ରେ)

## କ୍ଷେପଣାସ୍ତ୍ର ପ୍ରଳୟ-୬ର ସଫଳ ଉତ୍କ୍ଷେପଣ



ନୂଆଦିଲ୍ଲୀ, ୨୮।୭

ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଳୟ-୬ର ସଫଳ ଉତ୍କ୍ଷେପଣ କରାଯାଇଛି। ସୋମବାର ସକାଳ ୯.୪୫ରେ ଅବଦୁଲ କଲାମ ଆଇଲାଣ୍ଡରୁ ଏହାର ଉତ୍କ୍ଷେପଣ କରାଯାଇଛି । ଡିଆରଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରର ୧୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦୀ କ୍ଷମତା (ପୃଷ୍ଠା ୭ରେ)

# କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ମିଳିବ ସହାୟତା

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ମିଳିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ପ୍ରାୟ ସବୁ ନଦୀରେ ଜଳସ୍ତର କମିବାରେ ଲାଗିଛି। ତଳିଆ ଅଞ୍ଚଳରୁ ପାଣି ଛାଡିବା ପାଇଁ ସମୟ ଲାଗିବ। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ରବିବାର ସୁବର୍ଣ୍ଣରେଖାରେ ବନ୍ୟା ଜଳ ଅଧିକ ରହିଥିବା ବେଳେ ସୋମବାର ଏହା ହ୍ରାସ ପାଇ ୯.୮୦ ମିଟରରେ ପ୍ରବାହିତ ହେଉଛି।



ଯାହା ବିପଦ ସଂକେତ ତଳେ ରହିଛି। ତେବେ ତଳିଆ ଅଞ୍ଚଳରେ ପାଣି ନିଷ୍କାସନ ହେବାକୁ ସମୟ ଲାଗିବ। ଜଳକା ନଦୀର ଜଳସ୍ତର ସତର୍କ ସଂକେତ ପାଖାପାଖିରେ ରହିଥିବା ବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଠାରେ ବିପଦ ସଂକେତ ତଳେ ରହିଛି । ଭଦ୍ରକ ଓ ଯାଜପୁରରେ ଆଉ ବନ୍ୟା ସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି । ତଳିଆ ଅଞ୍ଚଳରୁ ପାଣି ଧୀରେ ଧୀରେ କମିବାରେ ଲାଗିଛି। କୌଣସି ସ୍ଥାନରେ ଘାଇ ସୃଷ୍ଟି ହୋଇନାହିଁ। କେବଳ ମୟୂରଭଞ୍ଜ ରାସଗୋବିନ୍ଦପୁର ବ୍ଲକର ଲେଦାର ଜମ୍ବିରା ଠାରେ ଏକ ଘାଇ ହୋଇଥିଲା । ହୀରାକୁଦରେ ୨୦ ଗେଟ ଦେଇ ଜଳ ନିଷ୍କାସନ ହେଉଛି । ୩.୧୭ ଲକ୍ଷ କ୍ୟୁସେକ ପ୍ରବେଶ କରି ୩.୪୫ ଲକ୍ଷ କ୍ୟୁସେକ ନିଷ୍କାସନ ହେଉଛି । ସେହିପରି ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ ପ୍ରଭାବିତ ହେଉଛି । ରେଙ୍ଗାଳିର ତିନୋଟି ଗେଟ୍ ଦେଇ ବ୍ରାହ୍ମଣୀରେ ଜଳ ନିଷ୍କାସନ ହେଉଛି। ବ୍ରାହ୍ମଣୀ ନଦୀରେ ଜଳସ୍ତର ଜେନାପୁରରେ ବିପଦ ସଂକେତ ତଳେ ପ୍ରବାହିତ ହେଉଥିବା ବେଳେ ବୁଢ଼ାବଳଙ୍ଗରେ ମଧ୍ୟ ଜଳସ୍ତର ହ୍ରାସ ପାଇଛି।

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ପ୍ରଦାନ କରାଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛଳ କରିବା ପାଇଁ ରାଜ୍ୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ୪ କୋଟି ଟଙ୍କା ଖର୍ଚ୍ଚ ହେବ। ଯେଉଁ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦଗୁଡ଼ିକ ରାଜ୍ୟରେ ସୁଶାସନ, ଜୀବିକା ସୁଦୃଢ଼ୀକରଣ ଓ ସାର୍ବଜନୀନ ଉତ୍କୃଷ୍ଟ ସେବା ପ୍ରଦାନ କରିବେ ସେମାନେ ପାଇବେ ଏହି ରାଜ୍ୟ ପଞ୍ଚାୟତ ପୁରସ୍କାର। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସ୍ଥାନୀୟ କ୍ଷେତ୍ରର ସ୍ଥାୟୀ ଉନ୍ନତି ଲକ୍ଷ୍ୟର ୯ଟି ବିଷୟ ଅର୍ଥାତ୍ ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନଲାଇନ୍ ଅଡିଟ, ମହିଳାଙ୍କ ଭାଗିଦାରୀ ବୃଦ୍ଧି ପରି ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରୁ ବ୍ଲକ୍ ଯାଏ ୨୫ ଲକ୍ଷ ଟଙ୍କା ଅର୍ଥ ରାଶିରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

ବିଭିନ୍ନ ବିଷୟ ଉପରେ ଟପ୍ ୩ ଗ୍ରାମ ପଞ୍ଚାୟତମାନେ ପ୍ରତ୍ୟେକ ବିଷୟ ପାଇଁ ଅଲଗା ଭାବେ ପ୍ରୋତ୍ସାହନ ପୁରସ୍କାର ପାଇବେ। ଯଥାକ୍ରମେ ୨୫ ଲକ୍ଷ ଟଙ୍କା ପ୍ରଥମ, ୨୦ ଲକ୍ଷ ଦ୍ୱିତୀୟ ପୁରସ୍କାର ରାଶି ଓ ୧୫ ଲକ୍ଷ ଟଙ୍କା ତୃତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତକୁ ଦିଆଯିବ। ଜିଲ୍ଲା ସ୍ତରରେ ପ୍ରତ୍ୟେକ ଜିଲ୍ଲାରେ ଏଲଏସଡିଜି ବିଷୟ ଅନୁଯାୟୀ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ଦେଖାଇଥିବା ଟପ୍-୩ ଗ୍ରାମପଞ୍ଚାୟତ ପ୍ରାଥମିକ ଅର୍ଥରାଶି ପୁରସ୍କାର ପାଇବେ। ପ୍ରଥମକୁ ୧୫ ଲକ୍ଷ ଦ୍ୱିତୀୟକୁ ୧୦ଲକ୍ଷ, ଓ ତୃତୀୟକୁ ୫ ଲକ୍ଷର ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ବ୍ଲକ୍ ସ୍ତରରେ ଟପ୍-୩ ଗ୍ରାମପଞ୍ଚାୟତ ସ୍ମାରକ କୃତଜ୍ଞତା ପତ୍ର ପାଇବେ। ପୁରସ୍କାର ବାବଦରେ ପ୍ରଥମକୁ ୩ ଲକ୍ଷ, ଦ୍ୱିତୀୟକୁ ୨ଲକ୍ଷ ଓ ତୃତୀୟକୁ ୧ ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ। ଏହି ଅର୍ଥରେ ସମ୍ପୃକ୍ତ ପଞ୍ଚାୟତି ସଂସ୍ଥା ନିଜର ରାସ୍ତା ଘାଟ, ପାନୀୟ ଜଳ, ଡିଜିଟାଲ କ୍ଷେତ୍ରରେ ଅନଲାଇନ ବ୍ୟବସ୍ଥା ସୁଦୃଢ଼ କରିବେ। ଏହାଛଡ଼ା ବିଭିନ୍ନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅଙ୍ଗନୱାଡି କେନ୍ଦ୍ରର ମରାମତିକୁ ଗୁରୁତ୍ୱ ଦେବା ସହିତ ଖେଳ ପଡ଼ିଆ ଓ ଖେଳ ସାମଗ୍ରୀର ଉନ୍ନତି ଆଦିକୁ ଗୁରୁତ୍ୱ ଦିଆଯିବ। ଜନତାଙ୍କୁ ଭଲ ସେବା (ପୃଷ୍ଠା ୭ରେ)

## ଗୋପାଳପୁର ଗଣବଳାତ୍କାର ମାମଲା କ୍ରାଇମବ୍ରାଞ୍ଚର ଚାର୍ଜସିଟ୍ ଦାଖଲ

ଗୋପାଳପୁର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଗୋପାଳପୁର ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମ୍‌ବ୍ରାଞ୍ଚ ଚାର୍ଜସିଟ ଦାଖଲ କରିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ୫୭୪ ପୃଷ୍ଠାର ଚାର୍ଜସିଟ ଏସଡିଜେଏମ୍‌ଙ୍କ କୋର୍ଟରେ ଦାଖଲ କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଗୋପାଳପୁର ଗଣବଳାତ୍କାର ମାମଲାରେ ଏନ୍ଏଚ୍ଆରସିରେ ମାମଲା ରୁଜୁ କରା ଯାଇଥିଲା। ଗୋପାଳପୁର ବେଳାଭୂମିରେ ହୋଇଥିବା ଗଣବଳାତ୍କାର ମାମଲାରେ ନିଜ ଆଡୁ ମାମଲା ରୁଜୁ କରିଥିଲା (ପୃଷ୍ଠା ୭ରେ)

# ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ହାସିମ ମୁସା ନିପାତ

ଜମ୍ମୁ, ୨୮।୭

ଶ୍ରୀନଗରରେ ସୁରକ୍ଷା ବାହିନୀଙ୍କୁ ମିଳିଛି ବଡ଼ ସଫଳତା। ସୁରକ୍ଷା ବାହିନୀଙ୍କ ଗୁଳିରେ ନିପାତ ହୋଇଛି କୁଖ୍ୟାତ ଆତଙ୍କବାଦୀ ହାସିମ ମୁସା। ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ହାସିମ ମୁସା। ଶ୍ରୀନଗର ହରୱାନ ଦଚିଗାମ ଜାତୀୟ ଉଦ୍ୟାନ ଅଞ୍ଚଳରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେସନ ମହାଦେବ'ରେ ମୁସା ନିହତ ହୋଇଥିବା ଜଣାପଡ଼ିଛି। ହାସିମ ମୁସାକୁ ଧରିବାକୁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ପହଲଗାମ୍ ବ୍ୟତୀତ ଆହୁରି ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ



ତଥା ଆକ୍ରମଣରେ ମୁସା ସମ୍ପୃକ୍ତ ଥିଲା।

ସୂଚନାଯୋଗ୍ୟ, (ପୃଷ୍ଠା ୭ରେ)

# ଚଳିତ ଶିକ୍ଷାବର୍ଷରୁ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ଆଇକାର୍ଡ ଓ ୟୁନିଫର୍ମ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

୨୦୨୫-୨୬ ଶିକ୍ଷାବର୍ଷରୁ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପରିଚୟ ପତ୍ର (ଆଇ କାର୍ଡ), ପୋଷାକ, ଟୋପି, ଜୋତା ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯିବ। ସୋମବାର ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ପ୍ରାଥମିକ ସ୍କୁଲ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଚଳିତ ଶିକ୍ଷାବର୍ଷ (୨୦୨୫-୨୬)ରୁ ନୂଆ ପରିଚୟ ପତ୍ର (ଆଇକାର୍ଡ) ଲାଗୁ କରିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମଶ୍ରୀ ଯୋଜନାର ଲୋଗୋ ଥିବା ନିର୍ଦ୍ଧାରିତ ଫର୍ମାଟରେ ଆଇ କାର୍ଡ ପ୍ରସ୍ତୁତ କରିବା




ନିମନ୍ତେ ଜିଲ୍ଲାସ୍ତରରେ ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇଛି। ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ପ୍ରାଥମିକ ସ୍କୁଲ ଗୁଡ଼ିକରେ ଏହି ନୂଆ ଉପକରଣ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ନୂଆ ଆଇ କାର୍ଡ ବିନା ସ୍କୁଲ ପରିସରକୁ ପ୍ରବେଶର ଅନୁମତି ମିଳିବ ନାହିଁ ବୋଲି ମଧ୍ୟ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଏହି ନୂଆ ଉପକରଣ ଛାତ୍ରଛାତ୍ରୀମାନଙ୍କି ଯୋଗାଇଖ ଦିଆଯିବ।

ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରାଙ୍କ (ପୃଷ୍ଠା ୭ରେ)

## ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗାମ୍ ଆଇଡି ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବସାଇଟ୍ ହ୍ୟାକ୍

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗାମ ଆଇଡି ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବସାଇଟ୍ ହ୍ୟାକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି। କେହି ଦୁର୍ବୃତ୍ତ ୱେବସାଇଟ୍‌କୁ ହ୍ୟାକ୍ କରି ଦେଇଥିବା ଦେଖିବାକୁ ମିଳିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବସାଇଟ୍‌କୁ କ୍ଲିକ କଲେ ଏକ ବେଟିଂ ସାଇଟ ଖୋଲୁଛି । ମୋବାଇଲରେ ୱେବ୍‌ସାଇଟ୍ ଖୋଲିଲେ ବେଣ୍ଟୋ-ଫୋର ଡି ପରି ଏକ ବେଟିଂ ପ୍ଲାଟ୍‌ଫର୍ମ ଖୋଲୁଛି, ଯାହା ପୂର୍ବରୁ ଦେଖିବାକୁ ମିଳୁ ନ ଥିଲା। ମାତ୍ର ଏହାକୁ କ୍ଲିକ୍ କଲେ ବିଶ୍ୱବିଦ୍ୟାଳୟର କୌଣସି ତଥ୍ୟ ଆସୁ ନାହିଁ। ରେଭେନ୍ସା ୱେବ୍‌ସାଇଟ୍‌ରୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରାହୁଲ, ଗିଲ୍, ଜାଡ଼େଜା, ୱାଶିଂ
ଦେଲେ ଖେଳ ପୂରା ଘାଣ୍ଟି
ଶତକ ଗୁଡ଼ାକ ବାଟ ଓଗାଳିଲା
ଚିପିଲା ଇଂଲଣ୍ଡ ତଣ୍ଟି
ଖେଳ ହେଲା ଫେଣ୍ଟାଫେଣ୍ଟି
ପଞ୍ଚମ ଟେଷ୍ଟକୁ ସଭିଙ୍କ ଅପେକ୍ଷା
କିଏ ହେବ ଜିତା ପାର୍ଟି।

# ୟୁପିଆଇରେ ବଡ଼ ପରିବର୍ତ୍ତନ: ଅଟୋପେ ଓ ବାଲାନ୍ସ ଚେକ୍ ଉପରେ କଟକଣା




ନୂଆଦିଲ୍ଲୀ, ୨୮।୭

ୟୁପିଆଇ ନିୟମରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବାକୁ ଯାଉଛି। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଘୋଷଣା କରିଛି ଯେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ ବା ୟୁପିଆଇ ସିଷ୍ଟମ୍‌କୁ ନେଇ ଅଗଷ୍ଟ ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ।

ଏହି ପରିବର୍ତ୍ତନରେ ଅଟୋପେ ଏବଂ ଆକାଉଣ୍ଟ ବାଲାନ୍ସ ଚେକ୍ ଆଦିରେ କିଛିଟା ନୂତନତ୍ୱ ଦେଖିବାକୁ ମିଳିବ। ତେବେ ନୂଆ ନିୟମ ଅନୁଯାୟୀ, ୟୁପିଆଇ ଉପଭୋକ୍ତା ମାନେ ଦିନକୁ ସର୍ବାଧିକ ୫୦ ଥର ସେମାନଙ୍କର ଆକାଉଣ୍ଟ ବାଲାନ୍ସ ଚେକ୍ କରିପାରିବେ। ଏହା ଦ୍ୱାରା ବ୍ୟସ୍ତ କାର୍ଯ୍ୟଘଣ୍ଟା ବା ପିକ ଆୱାରରେ ଅଯଥା ଟ୍ରାଫିକ ଜାମ୍‌କୁ ଏଡ଼େଇ ଦେଇହେବ।

ଭାରତରେ ୟୁପିଆଇ ଆପ୍‌ର ସବୁଠାରୁ ବଡ଼ ୟୁଜର ବେସ୍ (ବ୍ୟବହାରକାରୀ) ରହିଛି। ପ୍ରତିଦିନ ଦେଶରେ ୬ ବିଲିୟନରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ହୋଇଥାଏ। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଆସିବା ପରେ ଗତ ୨୦୧୬ରେ ୟୁପିଆଇର ଶୁଭାରମ୍ଭ ହୋଇଥିଲା। ଏହା ଆଜିର ଡିଜିଟାଲ ଯୁଗ ପାଇଁ କୌଣସି ମାଷ୍ଟରଷ୍ଟ୍ରୋକରୁ କମ୍ (ପୃଷ୍ଠା ୭ରେ)

# ନକ୍ସଲ ପ୍ରଭାବିତ ଅଞ୍ଚଳରେ ଲାଗିବ ବିଏସଏନଏଲର ୪ ହଜାର ନୂତନ ମୋବାଇଲ ଟାୱାର

ନୂଆଦିଲ୍ଲୀ, ୨୮।୭

କେନ୍ଦ୍ର ସରକାର ଡିଜିଟାଲ ଯୋଗା-ଯୋଗକୁ ସୁଦୃଢ଼ କରିବା ପାଇଁ ଛତିଶଗଡ଼ର ନକ୍ସଲ ପ୍ରଭାବିତ ଏବଂ ଦୁର୍ଗମ ଅଞ୍ଚଳରେ ୪,୦୦୦ ନୂତନ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସଏନଏଲ) ଟାୱାର ସ୍ଥାପନ କରିବା ଯୋଜନାରେ କାମ କରୁଛନ୍ତି।

ଦୂରସଞ୍ଚାର ଏବଂ ଗ୍ରାମୀଣ ବିକାଶ ରାଜ୍ୟମନ୍ତ୍ରୀ ଚନ୍ଦ୍ରଶେଖର ପେମାସାନି ତିନି ଦିନିଆ ଛତିଶଗଡ଼ଗସ୍ତ ସମୟରେ ନକ୍ସଲ ପ୍ରଭାବିତ ଏବଂ ଦୁର୍ଗମ ଅଞ୍ଚଳରେ ୪,୦୦୦ ନୂତନ ବିଏସଏନଏଲ ଟାୱାର ସ୍ଥାପନ କରାଯିବାର ଯୋଜନା ଚାଲିଥିବାର ସୂଚନା ଦେଇ କହିଛନ୍ତି, ସୁରକ୍ଷା ବାହିନୀ ଏବଂ ବନ ବିଭାଗଠାରୁ ଆବଶ୍ୟକୀୟ ଅନୁମୋଦନ ପାଇବା ପରେ, ଏହି ଟାୱାରଗୁଡ଼ିକୁ ପର୍ଯ୍ୟାୟ କ୍ରମେ ସ୍ଥାପନ କରାଯିବ।

ବିଏସଏନଏଲ ସାରା ଦେଶରେ ଉଚ୍ଚମାନର ୪ଜି ସେବା ପ୍ରଦାନ କରୁଛି। ଏହି ସମ୍ପ୍ରସାରଣ ହେତୁ ଆମେ ଦେଶର ଦୁର୍ଗମ ଗ୍ରାମଗୁଡ଼ିକୁ ଡିଜିଟାଲ ସଂଯୋଗ ପ୍ରଦାନ କରିବାର ମିଶନକୁ ସାକାର କରି ପାରୁଛୁ। 'ମିଶନ ମୋଡ୍'ରେ ବିକାଶ କାର୍ଯ୍ୟ ଚାଲିଛି। ସ୍କୁଲଗୁଡ଼ିକୁ ଡିଜିଟାଲ କରାଯାଉଛି, ଯାହା ଛାତ୍ରଛାତ୍ରୀମାନଙ୍କୁ ଜେଇଇ ଏବଂ ନିଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା (ପୃଷ୍ଠା ୭ରେ)





## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ : ୨ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ସୂଚନା ପାଇ ଅବକାରୀ ବିଭାଗ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନାନଗର ଲଛମ୍ ପରଜା, ଏଲଆଇସି କୋଲନିର ଶିବ ଟାକରି। ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ସୁନା ନଗରରେ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇ ୯.୬ ଲିଟର ଦେଶୀ ମଦ ଜବତ କରାଯାଇ ମହିଳାକୁ ଗିରଫ କରାଯାଇଛି। ସେହିପରି ଜୟପୁର ଅବକାରୀ ଥାନା ତରଫରୁ କଳାଗୁଡ଼ାରୁ ଏକ ଅଟୋରେ ଏଲଆଇସି କୋଲନିରେ ଥିବା ଘରକୁ ଆଣୁଥିବା ବେଳେ ଚଢ଼ଉ କରି ଅଟୋ ସହ ୬୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ଓ ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି।

## ସମସ୍ୟା ଘେରରେ ମାଳତିପଦର ଗାଁ

# ଗାଁ ବିକାଶରେ ବାଧକ ସାଜିଛି ରାସ୍ତା ଓ ପୋଲ

**ଲାଞ୍ଜିଗଡ, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ସରକାର ନଦୀ ଆରପାରିରେ ଥିବା ଗାଁଗୁଡ଼ିକୁ ସଂଯୋଗ କରିବା ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଇ ପୋଲ ନିର୍ମାଣ କରୁଛନ୍ତି। ହେଲେ ଦୁର୍ନୀତିଖୋର ଯନ୍ତ୍ରୀ ଓ ଠିକାଦାରମାନଙ୍କ ଯୋଗୁଁ ୩ ବର୍ଷ ପରେ ମଧ୍ୟ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ୪୦ରୁ ଉର୍ଦ୍ଧ୍ୱ ଗାଁର ୩ହଜାର ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଥୁଆମୂଳରାମ ବ୍ଲକ ସିଲେଟ ପଞ୍ଚାୟତ ଅନ୍ତର୍ଗତ ମାଳତିପଦର କାନ୍ଦୁଲଗୁଡ଼ା ନିକଟସ୍ଥ ନାଗାବାଳି ନଦୀରେ। ଦୀର୍ଘ ବର୍ଷର ଅଭିଯୋଗ ପରେ ନାଗାବାଳି ନଦୀ ବ୍ରିଜ୍ ନିର୍ମାଣ ପାଇଁ ୨୦୨୨-୨୩ ମସିହାରେ ମଞ୍ଜୁର ହୋଇଥିଲା ଓ ଭବାନୀପାଟଣାର ଜଣେ ଠିକାଦାର ଏହାର ଠିକା ନେଇଥିବାବେଳେ ୨୦୨୩ ମସିହାରେ କାମ ମଧ୍ୟ ଆରମ୍ଭ ହୋଇଥିଲା। ହେଲେ ଆଜକୁ ୩ ବର୍ଷ ହୋଇଥିଲେ ମଧ୍ୟ ଏଯାଏଁ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଲୋକଙ୍କ ଯିବା ଆସିବା ପାଇଁ ଅସ୍ଥାୟୀ ପୋଲଟିଏ ମଧ୍ୟ ହୋଇ ନାହିଁ, ଯାହାଫଳରେ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଚାରି ଫୁଟ ଗଭୀର ପାଣିକୁ ଲଂଘୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।

ନାଗାବଳି ନଦୀ ବ୍ରିଜ୍ ସମ୍ପୂର୍ଣ୍ଣ ନହେବା ଯୋଗୁଁ ଉକ୍ତ ଅଞ୍ଚଳର ୪୦ରୁ ଉର୍ଦ୍ଧ୍ୱ ଗାଁର ହାରାହାରି ୩ହଜାର ପରିବାର ଜଳବନ୍ଦୀରେ ରହିଛନ୍ତି। ତେବେ ଏମାନଙ୍କୁ ପଞ୍ଚାୟତ ୩ କି.ମି. ହେଉଥିବାବେଳେ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ୭୫କି.ମି ହେଉଛି। ନାଗାବାଳି ନଦୀ ସମେତ ଅନେକ ଗୁଡ଼ାଏ ନଦୀ ରହିଥିବାବେଳେ ସମ୍ପୂର୍ଣ୍ଣ ଭାବେ ମାଳତିପଦର, କାନ୍ଦୁଲଗୁଡ଼ା, ବିଳାମାଳ, ଖୁଟଖାଳ, ପାଜୀଖାଳ, ଝାଞ୍ଜି, ବଣ୍ଡେଲ ଦୂରବେଳଗୁଡ଼ା, ମାରଗୁମା, ମୁସପାନ, ସରମାଣ୍ଡି, ଦାଣ୍ଡପଦର, ରୁପେନ, ସେମିଖାଲ, ପୁଇଗୁଡ଼ା, ସର୍ଗିଗୁଡା, ଟୁରି ସିମେଲ, ସାଇମାସ୍କ, ବାତେରପଡ଼ା, ଓ ପୀଡିଶାଳ, ଗାଁ ସେଇମ ୪୦ରୁ ଗାଁ ଲୋକଙ୍କ ପାଇଁ ଏହି ନଦୀ ମୁଖ୍ୟ ସମସ୍ୟା ପାଲଟିଛି। ଲଗାଣ ବର୍ଷା ଯୋଗୁଁ ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଥୁଆମୂଳରାମ ପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ସେହିପରି ପଞ୍ଚାୟତରୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁ ଗାଈଙ୍କୁ ନଦୀ ପାର କରିବା, ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେବା ଭଳି ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ପାଲଟିଛି। ତେବେ ବ୍ରିଜ୍ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ଯନ୍ତ୍ରୀଙ୍କ ଖାମ୍‌ଖିଆଲି ମନୋଭାବ ଯୋଗୁଁ ୨୦୨୩ ମସିହାରେ ଆରମ୍ଭ କରିଥିଲେସୁଦ୍ଧା ଏବେ ଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ କରି ପାରିନାହାନ୍ତି ବୋଲି ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ କାମକୁ ଠିକ୍ ଭାବରେ ତଦାରଖ କରୁ ନାହାନ୍ତି, ଯଦ୍ୱାରା କାମ ମନ୍ଥର ଗତିରେ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଘଣ୍ଟାଏ ବର୍ଷାରେ ଅବସ୍ଥା ବେହାଲ

# ସାହିସାହିରେ କୁଢ଼କୁଢ଼ ଅଳିଆ ଆବର୍ଜନା

**ଗଜପତି, ନ୍ୟୁଜ୍‌ବ୍ୟୁରୋ**



ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାରେ ଘଣ୍ଟାଏ ବର୍ଷାରେ ରାୟଗଡ଼ ଅବସ୍ଥା ଶୋଚନୀୟ ହୋଇପଡୁଛି। ସାହିଗୁଡ଼ିକର ଡ୍ରେନ୍ ସବୁ ପୋତି ହୋଇ ଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଓ କୁଢ଼କୁଢ଼ ଅଳିଆ ଆବର୍ଜନା ଭାସି ଆସି ଲୋକଙ୍କ ଘର ଭିତରେ ପଶିଯାଇଥିବା ଦେଖିବାକୁ ମିଳିଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ ହେଣ୍ଡିଆ ସାହିର ଉପର ମୁଣ୍ଡରେ କେତେକଙ୍କ ଘର ସମ୍ମୁଖରେ କୃତ୍ରିମ ବନ୍ୟା ଦେଖିବାକୁ ମିଳିଥିଲା। ଏଭଳି ପରିସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ, ରାୟଗଡ଼ ବ୍ଲକ ସଦରମହକୁମାରେ ଥିବା ସାହିଗୁଡ଼ିକରେ ଦୀର୍ଘ ବର୍ଷ ହେବ ଡ୍ରେନେଜ୍ ସଫା ହେଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଟିକିଏ ବର୍ଷାରେ ହେଲେ ରାୟଗଡ଼ ଅବସ୍ଥା ଶୋଚନୀୟ ହୋଇପଡୁଛି। ଯାହା ଫଳରେ ମୁଖ୍ୟ ରାସ୍ତା, ବଜାର ଛକ, ବିଷୋୟୀ ସାହି, ଓଡ଼ିଆ ସାହି, ବଢ଼େଇ ସାହି, ଖ୍ରୀଷ୍ଟିୟାନ ସାହି ଆଦିରେ ଡ୍ରେନେଜ୍ ସଫା ନ ହୋଇ ପୋତି ହୋଇଯାଇଛି। ଫଳରେ ଡ୍ରେନେଜ୍ ପାଣି ରାସ୍ତା ଉପରେ ଚାଲୁଥିବା ବେଳେ ସାହିଗୁଡ଼ିକରେ ଅଳିଆ ଆବର୍ଜନା ସହ ଘର ଭିତରେ ପାଣି ପଶି ଗନ୍ଧମୟ ହୋଇ ଯାଉଥିବା ଜଣାପଡ଼ିଛି। ଏହା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ି ଲୋକଙ୍କୁ ଶାନ୍ତିରେ ଶୁଆଇ ବସାଇ ଦେଉନାହାନ୍ତି। ବ୍ଲକ ସଦରମହକୁମା ହୋଇଥିବାରୁ ବିଭାଗୀୟ ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଦାବି ହେଉଛି ଓ ଏନେଇ ପିଇଓ ସନ୍ତୋଷ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ରାୟଗଡ଼ ପରିମଳ ବ୍ୟବସ୍ଥା ଉପରେ କିପରି ସୁଧାର ଅଣାଯାଇ ପାରିବ ସେ ନେଇ କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି।

## ଦୁଇ ମଦ୍ୟପ ଡ୍ରାଇଭର ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଲାଉଥିବା ନେଇ ଜୟପୁର ସଦର ପୁଲିସ ଦୁଇଜଣ ମଦ୍ୟପ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାତିରେ ଜୟପୁର ସଦର ପୁଲିସ ପାଞ୍ଜିଆଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ପାଞ୍ଜିଆଗୁଡ଼ାରୁ କୁନ୍ତରଖାଲ ଆସୁଥିବା ଢେପଗୁଡ଼ା ଅଞ୍ଚଳର ପି.ଚକ୍ରି (୨୬) ବାଇକ୍ ଆରୋହୀଙ୍କୁ ଅଟକ ରଖି ଯାଞ୍ଚ କରିବା ସମୟରେ ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ସେହିପରି ଅନ୍ୟଜଣେ କୋରାପୁଟ୍ ସଦରଥାନା ଅଞ୍ଚଳର ରାଜୁ କୁଲଦୀପ ଏକ ସ୍କୁଟିରେ ବାଲିଆରୁ ଜୟପୁର ଅଭିମୁଖେ ଆସୁଥିବା ସମୟରେ ତାକୁ ଅଟକ ରଖି ଚେକିଂ କରିବା ସମୟରେ ସେ ମଧ୍ୟ ମଦ୍ୟପାନ କରିଥିବା ଦେଖିବାକୁ ମିଳିଥିଲା। ଦୁଇଜଣ ମଦୁଆଙ୍କୁ ସଦର ପୁଲିସ ଗିରଫ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଉଦ୍‌ଘାଟନ ହେବାର ଦୁଇ ବର୍ଷ ପରେ ବି କାମରେ ଲାଗୁନି ଧାମନଗରର ରାହା ପିତା ପାର୍କ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ସରକାରଙ୍କ ଅମଳରେ ଧାମନଗର ବ୍ଲକରେ ୩୦ରୁ ଉର୍ଦ୍ଧ୍ୱ ପାର୍କ ଲକ୍ଷ ଲକ୍ଷ ଟଙ୍କାଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିଲା, ସେଥିରୁ ହାତ ଗଣତି କେତୋଟି ପାର୍କ ସଚଳ ଥିବା ବେଳେ ଅନ୍ୟ ପାର୍କ କେଉଁଠି ଅଧା ନିର୍ମାଣ ହୋଇ ପଡ଼ିଥିବାବେଳେ ଅନ୍ୟ ପାର୍କ ରକ୍ଷଣା ବେକ୍ଷଣ ଅଭାବରୁ ଘାସବଣ ହୋଇ ଗଲାଣି। ଏପରି ଏକ ପାର୍କ ଧାମନଗର ରାହା ପିତା ରହିଛି। ସୂଚନାଯୋଗ୍ୟ ଯେ, ଧାମନଗର ବିଜ୍ଞାପିତ ଅଞ୍ଚଳ ରାହା ପିତା ଠାରେ ଏକ ପାର୍କ ଉଦ୍‌ଘାଟନ ହେବାର ଦୁଇ ବର୍ଷ ହୋଇଗଲା। ଏବେ ସେଠାରେ ଘାସ ବଣ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହି ପାର୍କ ତିଆରି ସରିବା ପରେ ୨୦୨୩ ମସିହାରେ ତତ୍କାଳୀନ ସାଂସଦ ମଞ୍ଜୁଲତା ମଣ୍ଡଳ ଏହି ପାର୍କକୁ ଉଦ୍‌ଘାଟନ କରିଥିଲେ। ବ୍ୟବହାର ନ ହେବା ଏବଂ ରକ୍ଷଣା ବେକ୍ଷଣ ଅଭାବ କାରଣରୁ ବର୍ତ୍ତମାନ ପାର୍କ ଭିତରେ ଅନବନା ଘାସ ବଣୁଆ ଗଛ ଲତା ଇତ୍ୟାଦିରେ ପରିପୂର୍ଣ୍ଣ ହୋଇଛି। ଆବଶ୍ୟକ ନଥିବା ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ଏହି ନିଛାଟିଆ ଜାଗାରେ ପାର୍କ କରାଗଲା କାହିଁକି ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବା ଆଗରୁ ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ପରାମର୍ଶ ନେବାର ଆବଶ୍ୟକତା ଅଛି ବୋଲି ଲୋକେ କହିଛନ୍ତି। ଏ ଦିଗରେ ଧାମନଗର ଏ ନେଇ ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଖୁବ୍‌ଶୀଘ୍ର ଉକ୍ତ ପାର୍କକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

## ୨୦୨୯ ମସିହା ସୁଦ୍ଧା କୋରାପୁଟ ଜିଲ୍ଲା ଦାଦନ ମୁକ୍ତ ହେବ : ମନ୍ତ୍ରୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ୩୩୭ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ୧୬୩.୫୫ କୋଟି ପ୍ରକଳ୍ପରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଗ୍ରାମୀଣ ବିକାଶ ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୨୫୮ ପ୍ରକଳ୍ପ ପାଇଁ ୧୨.୭୧ କୋଟି ଟଙ୍କା ଆନୁମାନିକ ମୂଲ୍ୟ ରହିଥିବା ବେଳେ ଗ୍ରାମୀଣ ବିକାଶ ବିଭାଗ ପାଇଁ ୩୦ ଗୋଟି ପ୍ରକଳ୍ପ ରହିଛି । ଯାହାର ଆନୁମାନିକ ମୂଲ୍ୟ ୧୨୫.୧୯ କୋଟି ଟଙ୍କା ରହିଛି। ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପାଇଁ ୪୯ ଗୋଟି ପ୍ରକଳ୍ପ ରହିଛି। ଯାହାର ଆନୁମାନିକ ମୂଲ୍ୟ ୨୫.୬୫କୋଟି ଟଙ୍କା ରଖାଯାଇଛି। ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହେଲେ ଜିଲ୍ଲାର ଲୋକମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ୨୦୨୯ ମସିହା ସୁଦ୍ଧା କୋରାପୁଟ ଜିଲ୍ଲା ଦାଦନ ମୁକ୍ତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ୨୦୨୬ ମସିହାରେ କୋରାପୁଟ ଜିଲ୍ଲାବାସୀଙ୍କ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି। ନୂଆପଡ଼ା ଜିଲ୍ଲାରୁ ଦାଦନ ମୁକ୍ତ ପ୍ରକଳ୍ପ ଆରମ୍ଭ କରାଯାଇ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଯିବ। କୋରାପୁଟ ଜିଲ୍ଲାରେ ୩ଟି ସବୁଜ ପାର୍କ ନିର୍ମାଣ ହୋଇଥିବା ବେଳେ କଫି ଚାଷ ପାଇଁ ଅନେକ ଯୁବ ଉଦ୍ୟୋଗୀ ବାହାରିଲେଣି। ପନିପରିବା ବଜାରୀକରଣ କରିବା ସହ ଆଳୁ ସଂରକ୍ଷଣ ପାଇଁ ସୁବିଧା କରାଯାଇ ପାରିଲେ ଲୋକମାନେ ବାହାର ରାଜ୍ୟକୁ ଆଉ ଯିବେ ନାହିଁ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲାକୁ ୧୫୨୦ ନଳକୂପ ନିର୍ମାଣ କରିବାକୁ ଅନୁମୋଦନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲର ଅଡିଟୋରିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ, ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସୁନାବେଡ଼ା ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଇଞ୍ଜିନିୟର ପ୍ରଭାକର ବେହେରା, କୋରାପୁଟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ, କୋରାପୁଟ ଗ୍ରାମୀଣ ବିକାଶ ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ହିମାଂଶୁ ଶତପଥି, ଗୌରୀ ଶଙ୍କର ସାହୁ, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

ଏଥି ପୂର୍ବରୁ ବହୁ ପ୍ରତିକ୍ଷୀତ ସୁକୁ ନିର୍ମାଣଧିନ ବ୍ରିଜ ଘଟଣାସ୍ଥଳକୁ ମନ୍ତ୍ରୀ ଶ୍ରୀ ନାୟକ ଯାଇ ଆଲୋଚନା କରି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ବ୍ଲକ ବାସିନ୍ଦାଙ୍କ ପାଇଁ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି. କୀର୍ତ୍ତିୱାସନ, ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାକର ବେହେରା, ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଅପରାହ୍ନରେ ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଲୋକମାନଙ୍କ ସହ ସେ ଆଲୋଚନା କରିଥିଲେ। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡା କଫି ନର୍ସରୀ, ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ମିଲେଟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ସେମିଳିଗୁଡା ସ୍ଥିତ ଅଦା ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ସେ ମହିଳା ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ ବେଳେ କୋରାପୁଟ ଜିଲ୍ଲାପାଳ ଭି କୀର୍ତିୱାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ତେରଗାଁରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ତେରଗାଁ ପଞ୍ଚାୟତରେ ଦୀର୍ଘବର୍ଷ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ପଞ୍ଚାୟତ ଶତାଧିକ ବ୍ୟକ୍ତି ଜିଲ୍ଲାପଳଙ୍କୁ ଭେଟି ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳରେ ନଳକୂପରୁ ଲୁଣ ପାଣି, ଲୌହ ମିଶ୍ରିତ ପାଣି ବାହାରୁ ଥିବାରୁ ଏହା ପିଇବା ପାଇଁ ଉପଯୋଗୀ ହେଉନାହିଁ। ସ୍ଥାନୀୟ ଲୋକ ଖୋଲା କୂପର ପାଣି, ନଦୀର ପାଣିକୁ ପିଇବା ପାଇଁ ବ୍ୟବହାର କରି ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଏହା ବନ୍ଦ କରି ଦେଇଥିବା ଯୋଗୁଁ ଶିଶୁ, ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା ଅସୁବିଧାର ସମ୍ମୁଖୀନ ହେବା ସହ ରୋଗର ଶୀକାର ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରିବା ସହିତ ବର୍ତ୍ତମାନ ଟ୍ୟାଙ୍କର ଯୋଗେ ଉକ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇବା ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ଆଦିତ୍ୟ କୁମାର ସ୍ୱାଇଁ, ଅଜୟ ସାହୁ, ପ୍ରଭୁଦତ୍ତ ଦାସ, ସଂଯୁକ୍ତା ରାଉତ ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ଉଦ୍ଧାର : ଅପହରଣକାରୀ କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକାକୁ କେହି ଅପହରଣ କରି ନେଇଥିବା ନେଇ ଥାନା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ଜଗତସିଂହପୁର ଜିଲ୍ଲା ବାଲିକୁଦାସ୍ଥିତ ବାଲିସାହି ଅଞ୍ଚଳରୁ ଉଭୟଙ୍କୁ ଠାବ କରିଥିଲା। ନାବାଳିକାକୁ ଜିଲ୍ଲା ସ୍ୱଧାର ଗୃହରେ ଛଡ଼ା ଯାଇଥିବା ବେଳେ ଅପହରଣକାରୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କୋର୍ଟ ଚାଲାଣ ହୋଇଥିବା ଯୁବକ ଜଣକ ହେଲେ ମଙ୍ଗରାଜପୁର ପଞ୍ଚାୟତ ବାଲିସାହି ଗ୍ରାମର ମଙ୍ଗୁଳି ମଲିକଙ୍କ ପୁଅ ପ୍ରଭୁ (୧୯) ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ଅଞ୍ଚଳରୁ ଦୁର୍ବୃତ୍ତମାନେ ଚଳିତ ମାସ ୧୮ ତାରିଖ ଦିନ ଘରେ ପଶି ଜୋରଜବର କରି ଜଣେ ନାବାଳିକାକୁ ଉଠାଇ ନେଇଥିଲେ। ଏନେଇ ନାବାଳିକାର ଭାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଚଳାଇ ରବିବାର ବିଳମ୍ବିତ ରାତିରେ ନାବାଳିକା ସହ ଅପହରଣକାରୀ ପ୍ରଭୁକୁ ଜଗତସିଂହପୁର ଅଞ୍ଚଳରୁ ପୋଲିସ ଠାବ କରିଥିଲା।

## ଶ୍ରାବଣରେ ପରିବା ଦର ଆକାଶଛୁଆଁ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ପରିବା ଦର ଶୁଣି ଲୋକେ କାନମୁଣ୍ଡା ଆଉଁଶି ଫେରି ଯାଉଥିବା ଦେଖାଯାଉଛି। ଶ୍ରାବଣ ମାସକ ପାଇଁ ଅଧିକାଂଶ ଲୋକ ଆମିଷ ଖାଦ୍ୟ ବର୍ଜନ କରୁଥିବା ବେଳେ ପରିବା ଦର ଆମିଷଠାରୁ ବଳିଯାଇଛି। ଆଳୁ, ପିଆଜକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପନିପରିବା ଦାମ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଶ୍ରାବଣ ମାସର ପରିବା ଦର ଆକାଶଛୁଆଁ। ମାସ ଶେଷ ହେବା ବେଳକୁ ସ୍ଥିତି କ'ଣ ହେବ ବୋଲି ଲୋକେ ଚିନ୍ତା ପ୍ରକଟ କଲେଣି। ବଜାରରେ ୬୦ ଟଙ୍କା କିଲୋରେ ବିକ୍ରି ହେଉଛି ଟମାଟୋ ଓ ଅମୃତଭଣ୍ଡା ଅନ୍ୟ ପରିବା ବନ୍ଧାକୋବି ଗୋଟାକ ୪୦ ଟଙ୍କା, ଗାଜର, ବିଟ୍ ଆଦି କିଲୋ ୫୦ ଟଙ୍କା, ସାରୁ ଓ କାକୁଡ଼ି ୬୦ ଟଙ୍କା, ପୋଟଳ ୫୦ ଟଙ୍କା ଦରରେ ବିକ୍ରି ହେଉଛି । ବାଇଗଣ, ଭେଣ୍ଡି, କଲରା, ହାଇବ୍ରିଡ କାଙ୍କଡ଼, କିଲୋ ୪୦ ରୁ ୫୦ ଟଙ୍କା ଦରରେ ବିକ୍ରି ହୋଉଛି। ପରିବାର ଏଭଳି ଆକାଶଛୁଆଁ ଦରକୁ ନେଇ ସାଧାରଣ ଉପଭୋକ୍ତା ଚିନ୍ତାରେ ପଡ଼ିଯାଇଛନ୍ତି।

## ବିଦ୍ୟାଳୟରେ ଚାରା ରୋପଣ କଲେ ଜିଲ୍ଲାପାଳ



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ତରଫରୁ ମଣିଷଟିଏ ଗଛଟିଏ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ସମ୍ମାନୀତ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରିଥିଲେ ଏବଂ ଜଣେ ଜଣେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ହରିଶ ବେହେରା, ମୀନା ସାହୁ, ମଧୁସ୍ମିତା ସାହୁ ପ୍ରମୁଖ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ ଛାତ୍ର ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

## ଅଭିନବ ଉପାୟରେ ସାଇବର ଠକେଇ : ଲୁଟିଲେ ମମତା ଟଙ୍କା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ରାଜ୍ୟରେ ସାଇବର ଠକେଇ ବୃଦ୍ଧି ପାଇବାରେ ଲାଗିଛି। ବାରମ୍ଭାର ଜନସାଧାରଣଙ୍କୁ ସଚେନତା କରାଯାଉଥିଲେ ମଧ୍ୟ ଠକେଇରେ ରୋକ ଲାଗି ପାରୁ ନାହିଁ। ଅଭିନବ ଉପରେ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ବ୍ରହ୍ମବରଦା ପଞ୍ଚାୟତର ୨ଜଣ ଗର୍ଭବତୀ ମହିଳାଙ୍କ ଚଳନ୍ତି ଜମା ଖାତାରୁ ମମତା ଯୋଜନା ଟଙ୍କା ନାମରେ ସାଇବର ଠକେଇ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ବ୍ରହ୍ମବରଦା ପଞ୍ଚାୟତ ପଠାଣ ମହଲାର ଦୁଇଜଣ ମହିଳାଙ୍କ ଚଳନ୍ତି ଜମା ଖାତରୁ ମୋଟ ୧୫ ହଜାର ଟଙ୍କା ଠକି ନେଇଥିବା ବେଳେ ଜଣେ ମହିଳା ମହିଳା ବ୍ରହ୍ମବରଦା ଥାନା ଓ ଅନ୍ୟ ଜଣେ ମହିଳା ଗୁଲନାଦ ଜାହାଁ ରସୁଲପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସମାଜିକ କର୍ମୀ ମଣ୍ଟୁ ଦାସ ଏନେଇ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ଲକ୍ଷ୍ୟ କରି ଜିଲ୍ଲାପାଳ ଯାଜପୁର ଆରକ୍ଷୀ ଅଧିକ୍ଷକ ଓ ସିଡିଏମ୍‌ଓଙ୍କୁ ତୁରନ୍ତ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ମହିଳାଙ୍କ ନିକଟକୁ ଭୁବନେଶ୍ୱର ବିଭାଗୀୟ କାର୍ଯ୍ୟାଳୟରୁ ଅବିନାଶ ନାମକ ଏକ ବ୍ୟକ୍ତି ନିଜକୁ ବିଭାଗୀୟ ଅଧିକାରୀ ପରିଚୟ ଦେଇ ହିତାଧିକାରୀଙ୍କ ନିକଟକୁ ଫୋନ କରିଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ଆଶା କର୍ମୀଙ୍କୁ କନଫରେନ୍ସ କଲ୍ କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ପରେ ମମତା ଯୋଜନାର ଟଙ୍କା ପାଇବାକୁ ହେଲେ ସେଥିରେ କ୍ଲିକ୍ କରି ନିଜର ଲାଭାଂଶ ଟଙ୍କା ସଙ୍ଗେସଙ୍ଗେ ମିଳିଯିବ ବୋଲି କହିଥିଲେ। ଦୁହେଁ କ୍ଲିକ୍ କରିବା ପରେ ସେମାନଙ୍କ ଚଳନ୍ତି ଜମା ଖାତାରୁ ୧୦ ଓ ଅନ୍ୟ ଜଣଙ୍କ ଖାତାରୁ ୫ ହଜାର ଟଙ୍କା ଠକି ନେଇଥିଲେ।

## ୭୩ ଅଭିଯୋଗ ଦରଖାସ୍ତ ଗ୍ରହଣ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜୟ କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୭୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୬ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୬ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। କେବଳ ଗୋଟିଏ ଦରଖାସ୍ତ ରେଡ୍‌କ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୪ ଗୋଟି ଅଭିଯୋଗ ପତ୍ର ଅଭିଯୋଗ ଶୁଣାଣି ସମୟରେ ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ, ସୋନପୁର ଡ. ସୋମ୍ୟାରୂପା ରଥଙ୍କ ସମେତ ତହସିଲଦାର, ଡୁଙ୍ଗୁରିପାଲି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ବଢୁଛି ଜମି ଠକେଇ ମାମଲା : ମଧ୍ୟସ୍ଥି ହିଁ ମୁଖ୍ୟ କାର୍ପେଟଦାର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସାଇବର ଅପରାଧ ମାମଲାରେ ପୋଲିସ ଥଳକୂଳ ପାଇପାରୁ ନଥିବା ବେଳେ ଏବେ ଜମି ମାଫିଆଙ୍କ ଦ୍ୱାରା ଠକେଇ ମାମଲା ପୁଣି ପୋଲିସର ମୁଣ୍ଡବ୍ୟଥା ବଢ଼ାଇଛି। ଜମି ଠକେଇ ମାମଲାରେ ପୋଲିସ ଅପରାଧିକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରୁଛି ସତ କିନ୍ତୁ ସେତେବେଳକୁ ଜମି ମାଫିଆଙ୍କ କବ୍‌ଜାରେ ଆସିଯାଇଥିବା ଲୋକେ ଲକ୍ଷ ଲକ୍ଷ ଟଙ୍କା ଠକେଇର ଶିକାର ହୋଇ ତଳିତଳାନ୍ତ ହୋଇଯାଉଛନ୍ତି। ସହରରେ ପ୍ଲଟ କିଣି ଘର ଖଣ୍ଡିଏ କରିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ରହିଛି। ବିଶେଷ କରି ଗ୍ରାମାଞ୍ଚଳରେ ଲୋକେ ନିଜ ପିଲାଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ର ପାଇଁ ବ୍ରହ୍ମପୁରକୁ ପସନ୍ଦ କରିଥାନ୍ତି। ପ୍ଲଟ୍‌ଟିଏ କିଣିବା ପାଇଁ ଠକ ଜମି ମାଲିକ କିମ୍ବା ବିକ୍ରେତାଙ୍କ ଠାରୁ କିଣନ୍ତି। ତେବେ ସେଥିରେ ବିଶେଷ ଠକାମିର ଶିକାର ହେଉନଥିବା ବେଳେ ମାଫିଆଙ୍କ ଦ୍ୱାରା କ୍ରୟ କରିବା ବେଳେ ଏଥିରେ ଠକାମିର ଶିକାର ହେବାର ଯଥେଷ୍ଟ ସମ୍ଭାବନା ଦେଖାଯାଉଛି। ବିଗତ ଦିନରେ ଏଭଳି ବହୁ ମାମଲା ଲୋକଲୋଚନକୁ ଆସୁଥିବା ବେଳେ ଗତ ଦିନରେ ଜମି ମାଲିକ ସର୍ବସାଧାରଣ ରାସ୍ତାକୁ ପ୍ଲଟ ଭାବେ ବିକ୍ରି କରିଥିବା ନେଇ ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ସହରରେ ଜମି କାରବାର ପାଇଁ ମଧ୍ୟସ୍ଥିଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ବ୍ରହ୍ମପୁର ପୋଲିସ ଜିଲ୍ଲାର ବିଭିନ୍ନ ଥାନାରେ ଜମି ବିବାଦ ସମ୍ପର୍କିତ ମାମଲା ବି ବଢ଼ିବାରେ ଲାଗିଛି। ଜମି କିଣିବା ପୂର୍ବରୁ ଉକ୍ତ ଜମି ସମ୍ପର୍କିତ କାଗଜପତ୍ର ଠାରୁ ଜମିର ସ୍ଥିତି ଓ ଅନ୍ୟାନ୍ୟ ଦିଗ ଉପରେ ଧ୍ୟାନ ଦେବାକୁ ସଚେତନ କରାଯାଉଥିଲେ ବି ମଧ୍ୟସ୍ଥିର ଜାଲ୍‌ରେ ପଡ଼ି ଗ୍ରାହକ ଲକ୍ଷାଧିକ ଟଙ୍କା ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଗତ ଜୁନ୍ ୨୭ ତାରିଖରେ ଜମି ବିକ୍ରିରେ ଚଞ୍ଚକତା କରି ୬୭ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲା। ସେହିଭଳି ଗତ ମାସ ୩୦ ତାରିଖରେ ପ୍ଲଟ୍ ଦେବା ଆଳରେ ଜଣେ ମହିଳାଙ୍କ ୮ ଲକ୍ଷ ଠକେଇ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚଳିତ ମାସ ୯ ତାରିଖରେ ଜମି ବିକ୍ରି ଆଳରେ ଟଙ୍କା ଠକେଇ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୧୨ ତାରିଖରେ ପ୍ଲଟ କିଣିବା ଆଳରେ ଜଣେ ଯୁବକ ତାଙ୍କ ସାଙ୍ଗ ଠାରୁ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଧାର ନେଇ ଧୋକା ପାଇବା ପରେ ଠକେଇର ଶିକାର ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ସେହଭଳି ପ୍ଲଟ୍ ବିକ୍ରି ପାଇଁ ଲୋଭନୀୟ ସ୍କିମ୍ ଜରିଆରେ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ବିଭିନ୍ନ ଏଜେଣ୍ଟ ଜରିଆରେ ଏକ ସଂସ୍ଥା ପକ୍ଷରୁ ଲୋକଙ୍କୁ ବାସପଯୋଗୀ ପ୍ଲଟ୍ ଦେବା ପାଇଁ ଏଜେଣ୍ଟମାନଙ୍କ ଜରିଆରେ ଟଙ୍କା ସଂଗ୍ରହ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଉକ୍ତ ସଂସ୍ଥାର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜମି କିଣିବା ପୂର୍ବରୁ ଏହାର ପ୍ରତ୍ୟେକ ଦିଗକୁ ଅନୁସନ୍ଧାନ କରି ସ୍ପଷ୍ଟ ହେବା ପରେ ଠକେଇର ମାତ୍ରା ରୋକାଯାଇ ପାରିବ ବୋଲି ମତପ୍ରକାଶ ପାଇଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଦୂଷଣ ବଢ଼ାଉଛି ପ୍ରଦୂଷଣକାରୀ ଜୀବାଶ୍ମ

ଉଭୟ ବଜାର ଓ ପରିବେଶ ଦୃଷ୍ଟିରୁ କୋଇଲା ଆଧାରିତ ପ୍ରକଳ୍ପରେ ନିବେଶ କରିବା ବିପଜ୍ଜନକ; ଏହା ସତ୍ତ୍ୱେ ଭାରତୀୟ ବ୍ୟାଙ୍କଗୁଡ଼ିକ କୋଇଲା ଭଳି ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନରେ ନିବେଶ ଜାରି ରଖିଛନ୍ତି । ବେଙ୍ଗାଲୁରୁର ଥିଙ୍କ୍ ଟ୍ୟାଙ୍କ୍ 'କ୍ଲାଇମେଟ୍ ରିସ୍କ ହରାଇଜନ୍‌ସ' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡ଼ିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚରମ ଉତ୍ତାପ ଓ ପ୍ରବଳ ବୃଷ୍ଟିପାତ ଘଟଣା ବୃଦ୍ଧି ପାଉଥିବାରୁ ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ ଅପରିହାର୍ଯ୍ୟ ହୋଇପଡ଼ିଛି, କାରଣ କୋଇଲା ଭଳି ଇନ୍ଧନ ଦହନ ପରିବେଶକୁ ପ୍ରଚୁର ମାତ୍ରାରେ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ିଥାଏ । ତେଣୁ ଭାରତ ସମେତ ଅନେକ ଦେଶ ଧୀରେ ଧୀରେ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନ ବ୍ୟବହାର ତ୍ୟାଗ କରି ସୌର ଶକ୍ତି ପରି ସ୍ୱଚ୍ଛ ଇନ୍ଧନ ଆଡ଼କୁ ଅଗ୍ରସର ହେବାର ଲକ୍ଷ୍ୟ ରଖିଛନ୍ତି । ତେବେ ଉପରୋକ୍ତ ରିପୋର୍ଟ ଏହାର ବିପରୀତ ଧାରା ପ୍ରତି ଇଙ୍ଗିତ କରୁଛି– ବିଜୁଳି ଉତ୍ପାଦନ ଓ ଶିଳ୍ପ ଚାହିଦା ପୂରଣ କରୁଥିବା କୋଇଲା କ୍ଷେତ୍ରକୁ ଭାରତର ସରକାରୀ ଓ ବେସରକାରୀ ବ୍ୟାଙ୍କଗୁଡ଼ିକ ଋଣ ଓ ସବ୍‌ସିଡି ପ୍ରଦାନ ଜାରି ରଖିଛନ୍ତି । ୨୦୧୬ରୁ ୨୦୨୩ ମସିହା ମଧ୍ୟରେ ଏସ୍‌ବିଆଇ, ଏକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଭଳି ଋଣ ପ୍ରଦାନକାରୀ ସଂସ୍ଥା କୋଇଲା ପ୍ରକଳ୍ପରେ ୨୯ ବିଲିଅନ୍ ଡଲାର ନିବେଶ କରିଛନ୍ତି । ସେ ମଧ୍ୟରୁ ୧୫.୨ ବିଲିଅନ୍ ଡଲାର ଋଣ ହିସାବରେ ଏବଂ ୧୩.୫ ବିଲିଅନ୍ ଡଲାର ଅଣ୍ଡର ରାଇଟିଂ ସର୍ଭିସ୍ ସୂତ୍ରରେ ଦିଆଯାଇଥିଲା । ଅଣ୍ଡରରାଇଟିଂ ସର୍ଭିସ୍ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ବ୍ୟାଙ୍କମାନଙ୍କୁ ଋଣ ପରିଶୋଧର ଗ୍ୟାରେଣ୍ଟି ମିଳିଥାଏ । ୨୦୨୧ରୁ ୨୦୨୩ ମଧ୍ୟରେ କୋଇଲାରେ ନିବେଶ ହୋଇଥିବା ସମୁଦାୟ ଅର୍ଥର ୨.୩% ଭାରତ ଦ୍ୱାରା କରାଯାଇଥିଲା, ଯେଉଁ ଦୃଷ୍ଟିରୁ ଭାରତ ହେଉଛି କୋଇଲାରେ ନିବେଶ କରୁଥିବା ଶୀର୍ଷ ସାତଟି ଦେଶ ମଧ୍ୟରୁ ଗୋଟିଏ । ଉପରୋକ୍ତ ରିପୋର୍ଟ ଅନୁସାରେ ଭାରତର ସରକାରୀ ବ୍ୟାଙ୍କଗୁଡ଼ିକ କୋଇଲା କ୍ଷେତ୍ରକୁ ମିଳିଥିବା ଋଣର ୭୫% ପ୍ରଦାନ କରିଥିବା ବେଳେ ଘରୋଇ ବ୍ୟାଙ୍କଗୁଡ଼ିକ ଅଣ୍ଡରରାଇଟିଂର ୮୩% ପ୍ରଦାନ କରିଥିଲେ । ତେବେ ଭାରତର ମାତ୍ର ତିନିଟି ବ୍ୟାଙ୍କ କୋଇଲା କ୍ଷେତ୍ରରେ ନିବେଶ ନ କରିବାର ନୀତିଗତ ନିଷ୍ପତ୍ତି ନେଇଛନ୍ତି, ସେଗୁଡ଼ିକ ହେଲେ ଫେଡେରାଲ୍ ବ୍ୟାଙ୍କ, ଆରବିଏଲ୍ ବ୍ୟାଙ୍କ ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍‌ସ ବ୍ୟାଙ୍କ । ଏହି ରିପୋର୍ଟରେ କୁହାଯାଇଛି ଯେ ନବୀକରଣଯୋଗ୍ୟ କ୍ଷେତ୍ରରୁ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ କୋଇଲା ତୁଳନାରେ କମ୍ ହୋଇସାରିଥିବା ଏବଂ କଠୋର ପରିବେଶ ନୀତି ଯୋଗୁଁ କୋଇଲାରେ ନିବେଶ ବିପଦପୂର୍ଣ୍ଣ । ତେଣୁ ଭାରତୀୟ ବ୍ୟାଙ୍କଗୁଡ଼ିକ କୋଇଲା ଉପଯୋଗ ତ୍ୟାଗ ନୀତି କାର୍ଯ୍ୟକାରୀ କରି ସକ୍ରିୟ ଭାବେ ନବୀକରଣଯୋଗ୍ୟ କ୍ଷେତ୍ରରେ ନିବେଶ କରିବା ଉଚିତ, ଯାହା ଦେଶର ବିଦ୍ୟୁତ୍ ଶକ୍ତି ସୁରକ୍ଷା, ଆର୍ଥିକ ସ୍ଥିରତା ଓ ବିକାଶର ଗତିକୁ ବଳ ଦେବ ବୋଲି ରିପୋର୍ଟର ସହ-ଲେଖକ ସାଗର ଅସପୁର କହନ୍ତି ।

# ଶ୍ରୀକୃଷ୍ଣଙ୍କ ବଂଶୀ ଓ ତାହାର ପରମ ତତ୍ତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ ।ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ ।ଏଠାରେ ପରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ । ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ । କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ । ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ । ପ୍ରଣବର ପ୍ରତୀକ ହେଉଛନ୍ତି ବଂଶୀ । ଏହା ହେଉଛନ୍ତି ସେହି ବଂଶୀ ଯିଏ ଯମୁନା ତଟରେ ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହ ମିଶିବା ପାଇଁ ବ୍ରଜାଙ୍ଗନା ଗୋପୀମାନଙ୍କୁ ଆକର୍ଷଣ କରିଥିଲା । ବଂଶୀର ଦିବ୍ୟ ଲହରୀ ଅତିବ ମନମୋହକ ଥିଲା । ତାର ଶକ୍ତି ଥିଲା ଅଦ୍ଭୁତ । ଯେତେବେଳେ ଏହା କର୍ଣ୍ଣ ଗହ୍ୱର ଦେଇ ହୃଦୟ କନ୍ଦରକୁ ପ୍ରବେଶ କରୁଥିଲା, ସେତେବେଳେ ତାହା ଶ୍ରୋତାର ସକଳ ପ୍ରିୟ ସମ୍ପର୍କ, ଜଗତ ଏବଂ ଏପରିକି ତା ନିଜକୁ ମଧ୍ୟ ଭୁଲାଇ ଦେଉଥିଲା । ଏହା ଶ୍ରବଣକର୍ତ୍ତାଙ୍କୁ ଆନନ୍ଦରେ ନଚାଉଥିଲା ଓ ତାର ହୃଦୟରେ ବିମଳ ପ୍ରେମ ଭାବ ଜାଗ୍ରତ କରୁଥିଲା । ଆଜି ଆମେ ପ୍ରଭୁ ପରମ ପୁରୁଷ ଶ୍ରୀକୃଷ୍ଣଙ୍କ ବଂଶୀ ଉପରେ କିଛି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଜାଣିବା ।

ଏହି ଦିବ୍ୟ ବଂଶୀନାଦ ହୃଦୟକୁ ରୋମାଞ୍ଚିତ କରୁଥିଲା ଓ ଅତିଶୟ ଆନନ୍ଦରେ ଉଲ୍ଲସିତ କରି ନୂତନ ଜୀବନ ଓ ଆନନ୍ଦ ସଂଚାର କରୁଥିଲା । ଏହା ସମସ୍ତ ପ୍ରାଣୀର ହୃଦୟରେ ଭଗବତ ମାଦକତା ଭରି ଦେଉଥିଲା, ଏପରିକି ଜଡ ବସ୍ତୁରେ ମଧ୍ୟ ଜୀବନ ସଂଚାର କରୁଥିଲା । ଧ୍ୱନୀର ମଧୁରତାରେ ପଟାନ୍ତର ନଥିଲା । କୃଷ୍ଣଙ୍କ ବଂଶୀ ଧ୍ୱନୀ ଯିଏ ଥରେ ଶୁଣିଛି ସ୍ୱର୍ଗର ଅମୃତ ଅଥବା ମୋକ୍ଷର ଆନନ୍ଦ ପ୍ରତି ସେ ସେତେଟା ଧ୍ୟାନ ଦେବ ନାହିଁ । ବଂଶୀ ଓ ଏହାର ଧ୍ୱନୀ ଗୋପୀମାନଙ୍କ ହୃଦୟକୁ ବିମୋହିତ କରିରଖିଥିଲା । ସେମାନେ ନିଜ ଅଧିକାରରେ ରହି ପାରୁ ନଥିଲେ । ସଂସାର ତାଙ୍କ ପାଇଁ କୌଣସି ମହତ୍ତ୍ୱ ରଖୁନଥିଲା । ସେମାନେ କୃଷ୍ଣଙ୍କ ଆଡ଼କୁ ଦୁର୍ବାର ଭାବରେ ଟାଣି ହେଲା ଭଳି ଅନୁଭବ କରୁଥିଲେ । ଗୃହ ପରିତ୍ୟାଗ କରିବା ପାଇଁ ସେମାନଙ୍କର ନା ଥିଲା ଲାଜ ନା ଥିଲା ଭୟ । ସେମାନଙ୍କ ପାଖରେ ଥିଲା ଏକ ଜାଗ୍ରତ ହୃଦୟ । ସେମାନଙ୍କ ମନ ଏହି ସଂସାରରେ ନଥିଲା । ସେମାନଙ୍କ ସ୍ୱାମୀ ଓ ଭାଇମାନେ ବୃଥାରେ ତାଙ୍କର ଗତିରୋଧ କରୁଥିଲେ । ଭଗବାନଙ୍କ ଦିବ୍ୟ ପ୍ରେମର ତେଜସ୍ୱିନୀ ସ୍ରୋତକୁ କିଏ ବା ଗତିରୋଧ କରି ପାରିବ .....!! ଯେଉଁ ପ୍ରେମଭାବ ଗୋପୀମାନେ କୃଷ୍ଣଙ୍କ ପ୍ରତି ପୋଷଣ କରିଥିଲେ ତାହା ଥିଲା ଦିବ୍ୟପ୍ରେମ । ଏହା ଥିଲା ହୃଦୟର ମିଳନ । ଏହା କୌଣସି ଭୌତିକ ମିଳନର ଆକର୍ଷଣ ନଥିଲା । ଏହାଥିଲା ପରମାତ୍ମାଙ୍କ ସହ ମିଶିବା ପାଇଁ ଜୀବାତ୍ମାର ଅଭିଳାଷ । ଜୀବାତ୍ମାର ପରମାତ୍ମାଙ୍କ ସହ ମିଳିତ ହେବାର ଏକ ପ୍ରକ୍ରିୟା । ପୂର୍ବ ଜୀବନରେ ଗୋପୀମାନେ ଥିଲେ ଦଣ୍ଡକାରଣ୍ୟର ସନ୍ଥ । ସେମାନେ ପ୍ରଭୁ ରାମଚନ୍ଦ୍ରଙ୍କୁ ଆଲିଙ୍ଗନ କରିବାକୁ ଇଚ୍ଛା ପୋଷଣ କରିଥିଲେ । ପରଜନ୍ମରେ ଏହି ଇଚ୍ଛା ସଫଳ ହେବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ମିଳିଥିଲା । କୃଷ୍ଣ ଅବତାରରେ ସେମାନେ ପରମାତ୍ମାଙ୍କ ସହ ମିଳିଥିଲେ ।

# ନାରୀ ନିର୍ଯ୍ୟାତନାର କାରଣ ଓ ନିରାକରଣ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ନାରୀ ସମାଜର ଏକ ଅଭିନ୍ନ ଅଙ୍ଗ । ସେ ଏକ ଧାରାରେ ଜାୟା, ଜନନୀ ଓ ଭଗିନୀ । ସୃଷ୍ଟିର କଲ୍ୟାଣ ପାଇଁ ତାର ଜନ୍ମ । ସୁଖର ଅମୃତକୁ ତା'ର ସନ୍ତାନ ମାନଙ୍କୁ ବିତରଣ କରି ପରମ ଆନନ୍ଦରେ ପାନ କରିଥାଏ ସମଗ୍ର ଜଗତର ଦୁଃଖର ହଳାହଳ । ସନ୍ତାନର ସୁଖରେ ସେ ପାଏ ପରମ ଐଶ୍ୱର୍ଯ୍ୟ ଓ ଦୁଃଖରେ ସଂସାରରେ ବୁହାଇ ଦିଏ ଶୋକର ମନ୍ଦାକିନୀ । ତ୍ୟାଗର ସେ ମୂର୍ତ୍ତିମନ୍ତ ବିଗ୍ରହ । ସେଥିପାଇଁ ଭାରତୀୟ ସଭ୍ୟତା-ସଂସ୍କୃତିରେ ନାରୀକୁ ଶୀର୍ଷସ୍ଥାନ ପ୍ରଦାନ କରାଯାଇଛି । ଏହି ସୃଷ୍ଟିବିଧାୟିନୀ, କଲ୍ୟାଣକାରିଣୀ ନାରୀର ଗୌରବ ଭାରତର ପୁରାଣ ମାନଙ୍କରେ ବହୁଧା ସଂକୀର୍ତ୍ତିତ । ମାତ୍ର ସମୟର ପରିବର୍ତ୍ତନ ଓ ଲୋକଚରିତ୍ରର ଅବକ୍ଷୟରେ ଆଜି ନାରୀ ଭାରତୀୟ ସମାଜରେ ଯଥୋଚିତ ସମ୍ମାନ ଲାଭରୁ ବଂଚିତ । ଭାରତବର୍ଷରେ ନାରୀ ନିର୍ଯ୍ୟାତନାର ମାତ୍ରା ଯଥେଷ୍ଟ ଅଧିକ । ଏହାର ବିବିଧ କାରଣ ରହିଛି । ତ୍ୟାଗ-ତିତିକ୍ଷାର ଭୂମି ଭାରତବର୍ଷ ତା'ର ନିଜସ୍ୱ ବୈଭବ, ବୈଶିଷ୍ଟ୍ୟ ଆଜି ହରାଇ ବସିଛି । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆଜି ଭାରତୀୟ ମାନେ ସମ୍ପତ୍ତି ଲୋଭାସକ୍ତ, ସ୍ଖଳିତ ଚରିତ୍ର ତଥା ଦେବୋପମ ଗୁଣରୁ ବଞ୍ଚିତ । ଫଳରେ ଦେବୀ ସ୍ୱରୂପା ନାରୀକୁ କୁଦୃଷ୍ଟିରେ ଦେଖିବାରେ ଅଭ୍ୟସ୍ତ । ନାରୀ ନିର୍ଯ୍ୟାତନାର ବାର୍ତ୍ତା ପ୍ରତ୍ୟହ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରୁଥିବାର ଦେଖାଯାଏ । ଆଜି ମଧ୍ୟ ଏକବିଂଶ ଶତାବ୍ଦୀରେ ଯୌତୁକ ଜନିତ ବଧୂହତ୍ୟାର ସଂଖ୍ୟା ଆମ ଦେଶରେ ଏ ପର୍ଯ୍ୟନ୍ତ ନିୟନ୍ତ୍ରିତ ହୋଇପାରିନାହିଁ । ଅର୍ଥଲୋଲୁପତା ମଣିଷକୁ ଗ୍ରାସ କରିଛି । ଫଳରେ ନାରୀକୁ ଯୌତୁକ ପାଇଁ ବିଭିନ୍ନ ଉପାୟରେ ହତ୍ୟାକରିବା ଏକ ସମସ୍ୟାରୂପେ ମୁଣ୍ଡ ଟେକିଛି, ବିଶେଷତ ବଡ ବଡିଆ ତଥା ରାଜନେତାଙ୍କ ପରିବାରରେ ଏହାର ମାତ୍ରା ଅଧିକ । ଏହି କୁତ୍ସିତ ନାରକୀୟ ଘଟଣା ନାରୀ ସମାଜ ପାଇଁ ତୀବ୍ର ଅପମାନ ।

ନିଶାପାନ ଓ ମାଦକ ଦ୍ରବ୍ୟ ସେବନ ଆଜି ଭାରତୀୟ ପରିବାରରେ ଅଶାନ୍ତିର ବୀଜ ବୁଣିଦେଇଛି । ମଦ୍ୟପ, ନିଶାଗ୍ରସ୍ତ ତଥା ବିପଥଗାମୀ ସ୍ୱାମୀ ନାରୀମାନଙ୍କ ପ୍ରତି କଦର୍ଯ୍ୟ ଓ ଅମାନୁଷିକ ବ୍ୟବହାର ସୃଷ୍ଟି କରିବାର ଦୃଷ୍ଟାନ୍ତ ବିରଳ ନୁହେଁ । ନାରୀ ନିର୍ଯ୍ୟାତନାର ଏହି ଅଶ୍ଳୀଳ କାହାଣୀ ଭାରତୀୟ ପାରିବାରର ଜୀବନକୁ ଭାରାକ୍ରାନ୍ତ ଓ ବ୍ୟଥିତ କରିଛି । ଦୁଃଖ ଓ ପରିତାପର ବିଷୟ ଯେଉଁ ପରମଜ୍ୟୋତି ମାନବ ଜୀବନର ଅନ୍ଧକାରକୁ ଦୂରକରି ଏକ ଦିବ୍ୟ ଆଲୋକରେ ନିଜର ଶିଷ୍ୟ ମାନଙ୍କର ମାନବ ଚେତନାକୁ ଆଲୋକିତ କରିପାରନ୍ତି ସେହି 'ଗୁରୁ' ଆଜି ଦିଗହରା ହୋଇ ନିଜ କନ୍ୟାସମ ଶିଷ୍ୟା ଉପରେ ଲୋଲୁପ ଦୃଷ୍ଟି ପକାଇବାକୁ ପଛଘୁଂଚା ଦେଉନାହାଁନ୍ତି । ଏହାର ମୁଖ୍ୟ କାରଣ ହେଲା ସାଂପ୍ରତିକ ସ୍ଥିତିରେ ସମାଜରେ ନୈତିକ ମୂଲ୍ୟବୋଧର ଦିନକୁ ଦିନ ହ୍ରାସ ହେବାରେ ଲାଗିଛି । ଶିକ୍ଷା ବିକାଶ ତଥା ଅନୁଷ୍ଠାନ ଆଜି ଦିଗଭ୍ରଷ୍ଟ । ଯୁବ ସମାଜ ଆଜି ନୀତି ନୈତିକତା ହରାଇ ନିଶା ଜାଲରେ କବଳିତ । ଫଳରେ ସେମାନେ କୁଚିନ୍ତାର ବଶବର୍ତ୍ତି ହୋଇ ସମାଜରେ ଅନୈତିକ କାର୍ଯ୍ୟ କରିବା ପାଇଁ ତିଳେ ହେଲେ ଭ୍ରୂକ୍ଷେପ କରୁନାହାଁନ୍ତି । ପୂର୍ବ ପରି ଗାଁ ଠାରୁ ସହର ପର୍ଯ୍ୟନ୍ତ ଭାଇଚାରା, ସଦ୍‌ଭାବ, ଏକତା ବରିଷ୍ଠ ମାନଙ୍କୁ ସମ୍ମାନ ଦେବା ପ୍ରାଧାନ୍ୟତାର ଅବକ୍ଷୟ ଘଟିଛି କହିଲେ ଚଳେ । ୬୦ ଦଶକ ପର୍ଯ୍ୟନ୍ତ ଗାଁରେ ଗାଁ ମୁଖିଆଙ୍କ ପ୍ରାଧାନ୍ୟତା ଥିଲା । ସ୍ୱାଧୀନତା ପରେ ଗାଁ ମୁଖିଆ ମାନଙ୍କୁ ସଭାପତିର ଆଖ୍ୟା ଦିଆଯାଉଥିଲା । ଗାଁରେ ଘଟୁଥିବା ବିଭିନ୍ନ ଘଟଣାରେ ପୋଲିସ ହସ୍ତକ୍ଷେପ କଲାବେଳେ ଗାଁର ସଭାପତିଙ୍କ ବିଚାର ବା ଉପଦେଶ ଆଧାରରେ ପୋଲିସ ଅପରାଧର ନିରାକରଣ କରୁଥିଲା । ଦିନ ଥିଲା ଯେତେବେଳେ ଗ୍ରାମରକ୍ଷୀ ମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ, ସେମାନେ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖି ପ୍ରତି ସପ୍ତାହରେ ଥାନାରେ ଅବଗତ କରୁଥିଲେ । ଏବେ କିନ୍ତୁ ସହର ମାନଙ୍କରେ ବିଶେଷତ ନକ୍ସଲ ପ୍ରାଧାନ୍ୟ ଅଂଚଳରେ 'ପୋଲିସ ମିତ୍ର' ରଖାଯାଇ ସେମାନଙ୍କ ସହାୟତା ନିଆ ଯାଉଛି ହେଲେ ଗ୍ରାମରକ୍ଷୀ ମାନଙ୍କୁ ପୂର୍ବଭଳି ଗୁରୁତ୍ୱ ଦିଆଯାଉନାହିଁ ଫଳରେ ଗାଁରେ ମଦୁଆ, ଅବାଧ ଚୋରା ନିଶା କାରବାର କରୁଥିବା ଅସାମାଜିକଙ୍କ କାର୍ଯ୍ୟକଳାପ ବଢିବାରେ ଲାଗିଛି । ଏମାନଙ୍କୁ ସଠିକ୍ ମାର୍ଗକୁ ଆଣିବା ପାଇଁ ତୃଣମୂଳ ସ୍ତରରୁ ଗ୍ରାମରକ୍ଷୀ ମାନଙ୍କ ସାପ୍ତାହିକ ରିପୋର୍ଟ ଥିଲା ପ୍ରଣିଧାନ ଯୋଗ୍ୟ ।

ଗାଁର ଅଧାରୁ ପାଠ ଛାଡିଥିବା ବିପଥଗାମୀ ଯୁବକ ଅପ୍ରାପ୍ତ ବୟସର ପିଲାଙ୍କୁ ତାଙ୍କ ସଙ୍ଗରେ ମିଶାଇ ବିଭିନ୍ନ ଗୋଷ୍ଠୀମାନକରି ବିଭିନ୍ନ ଅପରାଧ ଜନିତ ଘଟଣା ସୃଷ୍ଟି କରି ସମାଜକୁ କଳୁଷିତ କରୁଛନ୍ତି । ଏସବୁ ପ୍ରକ୍ରିୟାର ଅସଲ ସୂତ୍ରଧର ହେଲେ ରାଜନେତା ମାନଙ୍କ ଗୋଡାଣିଆ ଚାମଚା । ଯେଉଁ ବୟସରେ ଯୁବକମାନେ ବିପଥଗାମୀ ହୋଇଥାନ୍ତି ତାର ମୂଳକାରଣ ହେଉଛି ନିଶାପାନ ଓ ମାଦକଦ୍ରବ୍ୟ ସେବନ, ଯାହା ଆଜି ଭାରତୀୟ ପରିବାରରେ ଅଶାନ୍ତିର ବୀଜ ବୁଣିଦେଇଛି । ଆଶ୍ଚର୍ଯ୍ୟର କଥା କାରଗିଲ ଯୁଦ୍ଧ ପରେ ଭାରତୀୟ ଯବାନ ମାନେ ପାକିସ୍ତାନୀ ଆତଙ୍କବାଦୀ ବଙ୍କର ମାନଙ୍କରୁ ବିପୁଳ ପରିମାଣର ମାଦକଦ୍ରବ୍ୟ ଉଦ୍ଧାର କରିଥିଲେ । ପ୍ରାୟ ୭୦ ଦଶକ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପୋଲିସ କର୍ମଚାରୀଙ୍କ କାର୍ଯ୍ୟାବଳୀର ସମୀକ୍ଷା ଜିଲ୍ଲାପାଳ ଓ ସବଡିଭିଜନ ସ୍ତରୀୟ କର୍ମଚାରୀ ମାନଙ୍କ କାର୍ଯ୍ୟାବଳୀର ସମୀକ୍ଷା ଉପଜିଲ୍ଲାପାଳ ମାନଙ୍କ ଦ୍ୱାରା ସମ୍ପାଦନ କରାଯାଇ ପଦକ୍ଷେପ ପାଇଁ ସରକାରଙ୍କ ନିକଟରେ ଉପସ୍ଥାପନା କରାଯାଉଥିଲା । ଫଳରେ ପୋଲିସ କର୍ମଚାରୀ ପ୍ରଶାସନ ନିକଟରେ ଉତ୍ତରଦାୟୀ ଥିବାରୁ ପ୍ରଶାସନ ପ୍ରତି ସେମାନଙ୍କର ଭୟ ଥିଲା । ଆଜି ସେ ଆଇନକୁ ସରକାର ବଦଳାଇ ଦେବାରୁ ଅପରାଧ ନିୟନ୍ତ୍ରଣ ବେଳେ ପ୍ରଶାସନିକ ଅଧିକାରୀ ଅନେକ ସ୍ଥାନରେ ମାଡଗାଳି ଖାଇବାସହ ଅସାମାଜିକ ବ୍ୟକ୍ତିମାନଙ୍କର ଶିକାର ହେଉଛନ୍ତି । ତେଣୁ ସରକାରଙ୍କୁ ନିବେଦନ ପୋଲିସମାନଙ୍କୁ ପ୍ରଶାସନିକ ଅଧିକାରୀଙ୍କ ସୁପାରିଶ ଭୂକ୍ତ କରି ଉଭୟେ ମିଳିତ ଭାବରେ ଛଦ୍ମ ବେଶରେ ବହୁଳ ଭାବରେ ତନଖି କରି ଅପରାଧ ଓ ଅପରାଧିଙ୍କ କାର୍ଯ୍ୟକଳାପକୁ ରୋକ୍ ଲଗାନ୍ତୁ । ଆଜିକାଲି ଯେଉଁ ମନ୍ଦିର 'ମନ୍ଦଭାବନାକୁ ଦୁରିଭୂତ କରେ' ବୋଲି ତାର ନାମ ମନ୍ଦିର କିନ୍ତୁ ସେଇ ପବିତ୍ରସ୍ଥଳୀରେ ତଥା ପରିତ୍ୟକ୍ତ ମନ୍ଦିର, ସ୍କୁଲ, କ୍ଲବ, ପାର୍କ ଓ ସର୍ବସାଧାରଣ ସ୍ଥାନରେ ନିଶାକାରବାର କରୁଛନ୍ତି ଏପରିକି ଏହି କାରବାରେ ମାଧ୍ୟମ ଏବେ ମହିଳାମାନଙ୍କ ଦ୍ୱାରା ବହୁଳ ଭାବରେ ଚାଲିଛି ଯାହାର ଅନେକ ଉଦାହାରଣ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଛି ତାକୁ ଯଦି ପ୍ରତିରୋଧ କରାନଯାଏ ତେବେ ନାରୀ ନିର୍ଯ୍ୟାତନାର ଅନ୍ତ ଘଟିବା ଏକ ପ୍ରଶ୍ନବାଚୀ । ଏହି ଅନୈତିକ କାର୍ଯ୍ୟଧାରାକୁ ରୋକିବା ପାଇଁ ସରକାର ବିଭିନ୍ନ ଗାଁରେ ବିଦ୍ୟୁତ ଖୁଣ୍ଟିରେ ସେଠାକାର ଗାଁ ମୁଖିଆଙ୍କ ସୁପାରିଶରେ ସି.ସି ଟିଭି ଲଗାଇବା ସହ ଏକ କମିଟି ଗଠନ କରି ସେଥିରେ ବୁଦ୍ଧିଜୀବୀ, ପୂର୍ବତନ ପୋଲିସ ଅଧିକାରୀ, ବିଚାର ବିଭାଗୀୟ ଅଧିକାରୀ, କିଛି ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତି ବିଶେଷଙ୍କୁ ସାମିଲ କରି ଏହି କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିପାରିଲେ ନାରୀନିର୍ଯ୍ୟାତନାର ହାର ସମାଜରୁ ହ୍ରାସପାଇବ ବୋଲି ଆଶା । ଏକଦା ମନୁ କହିଥିଲେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟତେ ରମନ୍ତେ ତତ୍ର ଦେବତା" । ବାସ୍ତବିକ ନାରୀର ସମ୍ମାନ ଥିବା ଭୂମି ହିଁ ଦେବଭୂମି । ନାରୀ ନାରାୟଣୀ, ବିଶ୍ୱହିତୈଷିଣୀ ଓ ସୃଷ୍ଟିର ଜନନୀ । ନାରୀନିର୍ଯ୍ୟାତିତ ହେଲେ ସମାଜ ହୁଏ ଅସୁସ୍ଥ ଓ ଧ୍ୱଂସାଭିମୁଖୀ । ତେଣୁ ମାତୃଜାତୀୟା ନାରୀର ମର୍ଯ୍ୟାଦା ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଦରକାର ।

# ବିକଳାଙ୍ଗ ନ୍ୟାୟ ବ୍ୟବସ୍ଥା



ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ଫୋନ-୭୦୨୦୬୧୧୩୦୦



ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର । ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣରେ ବିନିଯୋଗ କରୁଛନ୍ତି । ଆମ ରାଜ୍ୟ ଓଡିଶାରେ ଏବେ କିଛି ଦିନ ମଧ୍ୟରେ ଅନେକ ବଡ଼ ମାଛ କୋଟିପତି ବାବୁ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ।

ଆମ ଦେଶରେ ବିଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି । କିନ୍ତୁ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ସାଧାରଣ ଗରିବ ଓ ମଧ୍ୟବିତ୍ତଙ୍କ ମୁଣ୍ଡପିଛା ଆୟ ସେପରି ଆଖିଦୃଷ୍ଟିଆ ବୃଦ୍ଧି ହୋଇନାହିଁ । ଏହାର ମୁଖ୍ୟ କାରଣ ହେଉଛି ସବୁ ରାଜନୈତିକ ଦଳ ମାନଙ୍କର ଗୋଟିଏ ଲକ୍ଷ୍ୟ ଭୋଟବ୍ୟାଙ୍କ ରାଜନୀତି । ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି କିନ୍ତୁ ସବୁ ରାଜନୈତିକ ଦଳ ମାନଙ୍କର ଯୋଜନାରେ ନିଜର ରାଜନୈତିକ ଅଭିଳାଷା ରହୁଛି ଯାହାଫଳରେ ନାଲି ଫିତା ତଳେ କାଗଜ କଲମରେ ଯୋଜନାର ରୂପରେଖ ରହିଯାଉଛି । ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ସାଧାରଣ ଗରିବ, ମଧ୍ୟବିତ୍ତ । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଆଜିବି ଅନେକ ଅସହାୟ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରୁ ବଞ୍ଚିତ । ସେମାନଙ୍କ ପାଇଁ ଯୋଜନା ଗୁଡିକ 'ଆକାଶ କଇଁଆ, ଚିଲିକା ମାଛ ସଦୃଶ' । ସ୍ୱାଧୀନତାର ଏତେବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜି ଯାଏ କୌଣସି ରାଜନୈତିକ ଦଳ ସାଧାରଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେପରି ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଠୁ ଆରମ୍ଭ କରି ଫ୍ରିଜ ପର୍ଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ' । ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ । ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରର ରିପୋର୍ଟ ଅନୁସାରେ ୨୦୧୪ ମସିହାରେ ୨୭୦୦୦ ମହିଳା ବିଭିନ୍ନ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିଲେ ଏବଂ ୬୦୦୦୦ ପୁରୁଷ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ୨୦୧୯ ମସିହାରେ ପାଖାପାଖି ୧ଲକ୍ଷ ୧୪ହଜାର ବ୍ୟକ୍ତି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ୮୦୦୦୦ ପୁରୁଷ ଏବଂ ୩୪୦୦୦ ମହିଳା ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ୨୦୨୧ମସିହାରେ ଆମ ଦେଶରେ ୧ଲକ୍ଷ ୬୪ହଜାରରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି । ସେଥିମଧ୍ୟରୁ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧୦୦୦ ଏବଂ ମହିଳା ଙ୍କ ସଂଖ୍ୟା ୨୮,୬୮୦ ରହିଥିଲା ।

ନିକଟରେ ବେଙ୍ଗାଲୁରରେ ଏକ ଆଇଟି କମ୍ପାନୀର ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁବାଷ ଆମ ଆଇନ ବ୍ୟବସ୍ଥାରେ ରହିଥିବା ସାଙ୍ଘାତିକ ତ୍ରୁଟି ଏବଂ ପତ୍ନୀ ଓ ଶାଶୁଙ୍କ ଅକଥନୀୟ ମାନସିକ ନିର୍ଯ୍ୟାତନା ଓ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ଦେଇଥିବା ୮୦ମିନିଟର ଶେଷ ଭିଡ଼ିଓ ସନ୍ଦେଶ ଏବଂ ୨୪ପୃଷ୍ଠାର ଚିଠି ଅତ୍ୟନ୍ତ ହୃଦୟବିଦାରକ ଓ ଦୁଃଖଦ । ଆମ ପ୍ରଶାସନ ଓ ସରକାରଙ୍କୁ ଏହା ଗୁରୁତର ସହ ନେବାକୁ ପଡିବ । ଆମ ନ୍ୟାୟ ବ୍ୟବସ୍ଥା କିପରି ବିକଳାଙ୍ଗ ହୋଇପଡିଛି ଏହି ଘଟଣା ଏହାର ଜ୍ୱଳନ୍ତ ପ୍ରମାଣ । ଆମ ସମାଜରେ ପ୍ରତିଷ୍ଠିତ ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତବ୍ୟକ୍ତ କରନ୍ତି କି ମୃତ୍ୟୁ ପୂର୍ବରୁ ଦିଆଯାଇଥିବା ମନ୍ତବ୍ୟ କଦାପି ମିଥ୍ୟା ହୋଇନଥାଏ । ଏକ ଏନଜିଓକୁ ଲେଖିଥିବା ନିଜ ୨୪ପୃଷ୍ଠାର ଚିଠିରେ ଅତୁଲ ରାଷ୍ଟ୍ରପତିଙ୍କ ନାମ ଉଲେଖ କରି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା କଥା ବି କହିଛନ୍ତି । ଅତୁଲ ଲେଖିଥିବା ଚିଠିର ପ୍ରତି ପୃଷ୍ଠାରେ 'ମୋତେ ନ୍ୟାୟ ମିଳିବା ଉଚିତ' ବୋଲି ଲେଖିଛନ୍ତି । ମୃତ୍ୟୁ ପରେ ତାଙ୍କ ପାର୍ଥିବ ଶରୀରକୁ ପତ୍ନୀଙ୍କୁ ନ ଛୁଇଁବାକୁ ସେ କହିଛନ୍ତି । ତାଙ୍କୁ ନିର୍ଯ୍ୟାତନା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଦଣ୍ଡ ନପାଇବା ପର୍ଯ୍ୟନ୍ତ ଅସ୍ଥି ବିସର୍ଜନ ନକରିବାକୁ ସେ ପରିବାରବର୍ଗଙ୍କୁ ଅନୁରୋଧ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ସବୁକିଛି ପ୍ରମାଣ ଥାଇ ଯଦି ଆମ ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୁଏ ତେବେ ତାଙ୍କ ଅସ୍ଥିକୁ ଅଦାଲତ ବାହାରେ ଥିବା ନାଳରେ ଭସାଇଦେବାକୁ ଅନୁରୋଧ କରିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ ।

ନିଜ ଶେଷ ଭିଡ଼ିଓ ସନ୍ଦେଶରେ ନିଜର ଦୁଃଖଭରା ଜୀବନ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି । ବିବାହର ଦୁଇ ବର୍ଷ ପରେ ତାଙ୍କ ପତ୍ନୀ ଦେଢ଼ବର୍ଷର ପୁଅ ସହ ଛାଡି ପଳାଇଥିଲେ । ବାହାରେ ରହି ସବୁବେଳେ ଟଙ୍କା ଦେବା ପାଇଁ କହି ଶୋଷଣ କରୁଥିଲେ । ପ୍ରତିମାସ ୪୦ହଜାର ଟଙ୍କା ଭରଣପୋଷଣ ପାଇଁ ନେଉଥିଲେ କିନ୍ତୁ ପିଲାପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା କହି ୨-୪ଲକ୍ଷ ଟଙ୍କା ଦାବି କରିଥିଲେ । କୋର୍ଟରେ ମାମଲା ଯାଇଥିଲା କିନ୍ତୁ ଜୈନପୁର ଫାମିଲି କୋର୍ଟର ଲେଡି ବିଚାରପତି ରିତା କୌଶିକ ମାମଲା ଦଫାରଫା ପାଇଁ ତାଙ୍କୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅତୁଲ କହିଛନ୍ତି । ଡ଼ିସେମ୍ବର ୯ତାରିଖରେ ଇଣ୍ଟରନେଟରେ ୮୦ମିନିଟର ଭିଡ଼ିଓ ସନ୍ଦେଶ ଜାରି କରି ଆତ୍ମହତ୍ୟାର କାରଣ ସହ ନିଜର ଶେଷ ଇଛା ଏବଂ ଆମ ଆଇନ ବ୍ୟବସ୍ଥାର ବିକଳ ଚିତ୍ରକୁ ଉପସ୍ଥାପନା କରିଥିଲେ ଓ ନିଜ ଜୀବନକୁ ଶେଷ କରିବା ହିଁ ଅନ୍ତିମ ବିକଳ୍ପ ବୋଲି କହିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଷଡଯନ୍ତ୍ର କରି କିପରି ତାଙ୍କ ବିରୁଦ୍ଧରେ ୧୦ରୁ ଅଧିକ ମିଥ୍ୟା ମାମଲା କରାଯାଇଥିଲା । ଆମ ଭ୍ରଷ୍ଟ ନ୍ୟାୟ ବ୍ୟବସ୍ଥା ହିଁ ତାଙ୍କ ଆତ୍ମହତ୍ୟାର ପ୍ରମୁଖ କାରଣ । ଅତୁଲଙ୍କୁ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପତ୍ନୀ ଓ ଶାଶୁ ଉସୁକାଇଥିବା ତାଙ୍କ ଭିଡ଼ିଓ ସନ୍ଦେଶରେ ସେ ଉପସ୍ଥାପନା କରିଛନ୍ତି ।

ଫାମିଲି କୋର୍ଟକୁ ବାରମ୍ବାର ଦୌଡିଦୌଡି ସେ ନୟାନ୍ତ ହୋଇପଡିଥିଲେ । ନ୍ୟାୟ ବଦଳରେ କୋର୍ଟରୁ ମିଳିଥିଲା ପ୍ରତାରଣା ଏହାକୁ ସେ ନିଜର ଶେଷ ଭିଡ଼ିଓ ସନ୍ଦେଶରେ ବର୍ଣ୍ଣନା କରିଛନ୍ତି ।

ଏବେ ନିକଟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧ ଲଢେଇରେ ହାରିଯିବା ଘଟଣା ସାରା ଓଡିଶାବାସୀଙ୍କୁ ଗଭୀର ମର୍ମାହତ କରିଛି । ଏହି ଘଟଣା ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟବିଦାରକ ଏହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ଅଭିଯୋଗ ଅନୁସାରେ ସେହି ବିଭାଗର ମୁଖ୍ୟ ଅଧ୍ୟାପକ ତାଙ୍କୁ ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କ ଉପରେ ଚାପ ପକାଉଥିଲେ ଏହାସହିତ ସେମିଷ୍ଟାର ପରୀକ୍ଷାରେ ଫେଲ କରିଦେବେ ବୋଲି ବାରମ୍ବାର ଧମକ ଦେଉଥିଲେ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ତତ୍କାଳୀନ ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏହି ବିଷୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ଏବଂ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିଲେ । ଅଭିଯୁକ୍ତ ମୁଖ୍ୟ ଅଧ୍ୟାପକଙ୍କୁ ଘଣ୍ଟଘୋଡାଉ ଥିଲେ । ଏଥିରେ ନିଶ୍ଚିତ ଭାବରେ ତାଙ୍କର ସମ୍ପୃକ୍ତି ରହିଛି ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ସୌମ୍ୟାଶ୍ରୀ ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ମାନସିକ ଯନ୍ତ୍ରଣା ସହି ଚାଲିଥିଲେ । ନିଜର ହୃଦୟର କୋହକୁ ଛାତି ତଳେ ଚାପି ରଖିଥିଲେ ନିଜର ବାପା, ମା'ଙ୍କ ପାଖରେ ମଧ୍ୟ ନିଜର ଦୁଃଖକୁ ପରିପ୍ରକାଶ କରିନଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତଳଠୁ ଉଚ୍ଚପଦସ୍ଥ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ଏବଂ ବାଲେଶ୍ୱର ସମସ୍ତ ଜନପ୍ରତିନିଧି ଯେପରିକି ସାଂସଦ, ବିଧାୟକ, ବିରୋଧୀ ଦଳର ନେତା, ମନ୍ତ୍ରୀଙ୍କୁ ଆକୁଳ ନିବେଦନ କରି ନ୍ୟାୟ ଭିକ୍ଷା କରିଥିଲେ । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିଲେ ସମସ୍ତେ କେବଳ ମିଛ ପ୍ରତିଶୃତି, ମିଛ ଆଶ୍ୱାସନା ଦେଇଥିଲେ । ଏପରିକି ଯେଉଁଦିନ ସୁଶ୍ରୀ ସୌମ୍ୟାଶ୍ରୀ ଆତ୍ମାହୂତି ଉଦ୍ୟମ କରିଥିଲେ ସେହିଦିନ ସେହି ସମୟରେ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ କିନ୍ତୁ ସେ ନିରାଶ କରିଥିଲେ । କିଛିଦିନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୌମ୍ୟାଶ୍ରୀ ନିଜ ସହିତ ହୋଇଥିବା ଅତ୍ୟାଚାର, ଅନ୍ୟାୟ ପରିପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଠାରୁ ଆରମ୍ଭ କରି ସମସ୍ତ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ, ବିରୋଧୀ ଦଳ ନେତା ପର୍ଯ୍ୟନ୍ତ ସମସ୍ତଙ୍କୁ ନ୍ୟାୟ ପାଇଁ ଆକୁଳ ନିବେଦନ କରିଥିଲେ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କେହି ତାଙ୍କର ଗୁହାରି ଶୁଣିନଥିଲେ । ସୌମ୍ୟାଶ୍ରୀ ବଞ୍ଚିଥିବା ସମୟରେ ସବୁ ଜାଣି ମଧ୍ୟ ଆଗ ଧାଡ଼ିର ବଡ଼ ପ୍ରିଣ୍ଟ ମିଡ଼ିଆ, ନିଉଜ ଚ୍ୟାନେଲ, କେହି କିଛି ବି ମୁହଁ ଖୋଲିନଥିଲେ, ନେତା, ମନ୍ତ୍ରୀ, ଅଫିସର, ସମାଜସେବୀ, ବିରୋଧୀ ଦଳର ନେତା ସମସ୍ତେ ଯେପରି ଅନ୍ଧ, ମୂକ, ବଧିର ପାଲଟି ଯାଇଥିଲେ । ଜଣେ ନିରୀହ ଝିଅର ଜୀବନ ଦୀପ ଲିଭିଗଲା ପରେ ଏବେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସବୁ ନିଉଜ ଚ୍ୟାନେଲ, ଖବରକାଗଜ, ନେତା, ମନ୍ତ୍ରୀ, ସମାଜସେବୀ, ବିରୋଧୀ ଦଳ ଚିତ୍କାର କରୁଛନ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଯେଉଁ ଲୋତକର ଅଶ୍ରୁ ଝରାଉଛନ୍ତି ଏଇ ସବୁ ପ୍ରହସନ କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତେ ଏବେ ଲୁହର ବନ୍ୟା ବୁହାଉଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ । ନ୍ୟାୟର ସବୁ ରାସ୍ତା ଯେପରି ସୌମ୍ୟାଶ୍ରୀଙ୍କ ପାଇଁ ବନ୍ଦ ହୋଇଯାଇଥିଲା । ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜାତୀୟମହିଳା କମିଶନ, ରାଷ୍ଟ୍ରପତି, ରାଜ୍ୟପାଳ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସ ରେ ଲିଖିତ ଭାବେ ଗୁହାରି କଲାପରେ ସୌମ୍ୟାଶ୍ରୀ ନିରାଶ ହୋଇଥିଲେ । ସମସ୍ତେ ନିରବଦ୍ରଷ୍ଟା ସାଜିଥିଲେ । ତେଣୁ ସବୁଆଡୁ ନିରାଶ ହେଲା ପରେ ସେ ଅସହାୟ ହୋଇପଡ଼ିଥିଲେ । ଶେଷରେ ସେ ନିଜ ଜୀବନକୁ ତୁଚ୍ଛ କରି ଆତ୍ମାହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ । ନିରବ ମୂକ ବଧିର ପ୍ରଶାସନର ଭ୍ରଷ୍ଟ ବ୍ୟବସ୍ଥା ପାଇଁ ବଳି ପଡିଲେ ବାଲେଶ୍ୱରର ଲଢୁଆ ସାହସୀ ଝିଅ ସୌମ୍ୟାଶ୍ରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆସନ୍ତା ନଭେମ୍ବର ୭ରେ ଭାରତୀୟ ହକି ୧୦୦ବର୍ଷ ପୂର୍ତ୍ତି ଅବସରରେ ଖେଳାଯିବ ୧୦୦୦ ମ୍ୟାଚ୍




**ମହାବଳିପୁରମ**

ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ (ଏଚ୍ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜାତୀୟ ଓ ତୃଣମୂଳସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନସିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନସିପ୍ ଲାଗି ୩୦ ଲକ୍ଷ ଲେଖାଏଁ ଫେଡେରେସନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲ୍ଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏଁ ଦିଆଯିବ ବୋଲି ଏଚ୍ଆଇ ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏଚ୍ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ଦିବ୍ୟା ଦେଶମୁଖ ହେଲେ ବିଶ୍ୱ ଚେସ୍ ଚାମ୍ପିଅନ

**ବାତୁମି**

କମାଲ କରିଛନ୍ତି ଭାରତର ଯୁବ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ। ସେ ଦେଶ ପାଇଁ ଜିତିଛନ୍ତ ମହିଳା ଚେସ୍ ବିଶ୍ୱକପ ୨୦୨୫ର କ୍ରାଉନ। ଜର୍ଜିଆରେ ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ୧୯ ବର୍ଷୀୟ ଦିବ୍ୟା ତାଙ୍କ ଠାରୁ ୨ ଗୁଣ ବଡ଼ ତଥା ଭାରତର କିମ୍ବଦନ୍ତୀ ମହିଳା ଚେସ୍ ଖେଳାଳି କୋନେରୁ ହମ୍ପିଙ୍କୁ ଟାଇ ବ୍ରେକରରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି।



୧୯ ବର୍ଷ ବୟସରେ ଦିବ୍ୟା ଫିଡେ ମହିଳା ଚେସ୍ ବିଶ୍ୱକପ୍ ଜିତିବାର ଖ୍ୟାତି ଅର୍ଜନ କରିଛନ୍ତି। ୨୦୨୪ରେ ଦିବ୍ୟା ଜୁନିୟର ବିଶ୍ୱ ଚାମ୍ପିୟନ୍ ଟାଇଟଲ୍ ବି ଜିତିଥିଲେ। ସୋମବାର ଚାମ୍ପିୟନ ହେବା ପରେ ଦିବ୍ୟା ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇପାରିଛନ୍ତି।

ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିବା ରବିବାର କ୍ଲାସିକାଲ ରାଉଣ୍ଡ ପରସ୍ପର ବୁଝାମଣା ବା ଡ୍ରରେ ଶେଷ ହୋଇଥିଲା। ଫଳରେ ଫାଇନାଲ ରାଉଣ୍ଡ ଟାଇ ବ୍ରେକ୍କୁ ଯାଇଥିଲା। ଟାଇ ବ୍ରେକର ପ୍ରଥମ ରାପିଡ୍ ଗେମ୍ ଡ୍ର ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ସମସ୍ତଙ୍କୁ ଲାଗିଥିଲା ଯେ ଡ୍ର ହେବ।

ହେଲେ ସମୟର ଚାପ ହମ୍ପିଙ୍କୁ ତ୍ରୁଟି କରିବାକୁ ବାଧ କରିଥିଲା। ଏହାର ଫାଇଦା ଦିବ୍ୟା ଉଠାଇଥିଲେ। ଏଥିସହ ମ୍ୟାଚ୍କୁ ଜିତି ଭାରତର ୮୮ମ ଗ୍ରାଣ୍ଡମାଷ୍ଟର ହୋଇପାରିଥିଲେ। ଦିବ୍ୟା ଟାଇ ବ୍ରେକ୍କୁ ୧.୫-୦.୫ରେ ଜିତି ନିଜ ନାଁକୁ ଇତିହାସ ପୃଷ୍ଠାରେ ସବୁଦିନ ପାଇଁ ଲେଖି ଦେଇଛନ୍ତି। ଦିବ୍ୟା ଭାରତର ୪ର୍ଥ ମହିଳା ଗ୍ରାଣ୍ଡମାଷ୍ଟର ଆଖ୍ୟା ପାଇଥିବା ବେଳେ ତାଙ୍କ ପୂର୍ବରୁ ହମ୍ପି, ଆର ବୈଶାଳୀ ଓ ହାରିକା ଦ୍ରୋନାଭାଲ୍ଲି ଏପରି ସଫଳତା ପାଇଥିଲେ। ବିଜୟ ସହ ଆସନ୍ତାବର୍ଷ ପାଇଁ ଦିବ୍ୟା ଟିକେଟ ହାସଲ କରି ନେଇଛନ୍ତି।

# ପନ୍ତଙ୍କ ବଦଳରେ ପ୍ରଥମଥର ଭାରତୀୟ ଦଳରେ ସ୍ଥାନ ପାଇଲେ ଏନ୍ ଜଗଦୀଶନ

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡ୍ରେ ସାମିଲ ହୋଇଛନ୍ତି ୱିକେଟ କିପର ବ୍ୟାଟର ଏନ୍ ଜଗଦୀଶନ। ୪ର୍ଥ ଟେଷ୍ଟରେ ଆହତ ହୋଇଥିବା ଋଷଭ ପନ୍ତ ୫ମ ମ୍ୟାଚ୍ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଧ୍ରୁବ ଜୁରେଲ ୫ମ ଟେଷ୍ଟ ଖେଳିବା ଏକପ୍ରକାରର ନିଶ୍ଚିତ। କିନ୍ତୁ ଜୁରେଲଙ୍କ ବ୍ୟାକଅପ୍ ପାଇଁ ଭାରତୀୟ ଟେଷ୍ଟ ଟିମ୍ରେ ପ୍ରଥମଥର ପାଇଁ ଏନ ଜଗଦୀଶନଙ୍କୁ ସାମିଲ କରାଯାଇଛି। ତାମିଲାନାଡୁ ପାଇଁ ଖେଳୁଥିବା ଜଗଦୀଶନ ନିୟମିତ ଭଲ ପ୍ରଦର୍ଶନ କରୁଥିବାରୁ ତାଙ୍କୁ ପନ୍ତଙ୍କ ବଦଳ ଖେଳାଳି ଭାବେ ସ୍କ୍ୱାଡ୍ରେ ସୁଯୋଗ ମିଳିଛି।

ଘରୋଇ କ୍ରିକେଟର ଚର୍ଚ୍ଚିତ ଚେହେରା ହେଉଛନ୍ତି ଜଗଦୀଶନ। ସେ ତାମିଲନାଡୁ ପାଇଁ ନିୟମିତ କିଛି ବର୍ଷ ହେଲା ଘରୋଇ କ୍ରିକେଟ ଖେଳି ଆସୁଛନ୍ତି। ୧୯୯୫ ମସିହା ଡିସେମ୍ବର ୨୪ରେ କୋଏମ୍ବାଟୁରରେ ଜନ୍ମ ହୋଇଥିବା ଜଗଦୀଶନ ତାମିଲନାଡୁ ପାଇଁ ଡେବ୍ୟୁ କରିବା ଦିନ ଠାରୁ ୱିକେଟ କିପିଂ କରୁଛନ୍ତି। ତାମିଲନାଡୁ ପାଇଁ ସେ ଜୁନିୟର ଡିଭିଜନରୁ ଖେଳି ଚାଲିଛନ୍ତି। ୨୦୧୬ ଅକ୍ଟୋବର ମାସରେ ଜଗଦୀଶନ ତାମିଲନାଡୁ ପାଇଁ ସିନିୟର ଲେଭଲରେ ଡେବ୍ୟୁ କରିଥିଲେ। ସେହି ସମୟରେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା। ଡେବ୍ୟୁ ଇନିଂସରେ ସେ ମଧ୍ୟପ୍ରଦେଶ ବିପକ୍ଷରେ ଅପରାଜିତ ୧୨୩ ରନର ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ବର୍ଷକ ପରେ ସେ ଲିଷ୍ଟ ଏ ଫର୍ମାଟ(୫୦ ଓଭର)ରେ ଡେବ୍ୟୁ କରି ତାମିଲନାଡୁ ପାଇଁ ବିଜୟ ହଜାରେ ଟ୍ରଫି ଖେଳିଥିଲେ। ୨୦୧୭ରେ ସେ ନିଜ ରାଜ୍ୟ ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନଜର ଆସିଥିଲେ। ୨୦୨୧ରେ ଆଇପିଏଲ ଫ୍ରାଞ୍ଚାଇଜ ଜଗଦୀଶନଙ୍କୁ ନେବା ପୂର୍ବରୁ ସେ ଏକାଧିକ ଟିମ ସହ ସାମିଲ ହୋଇଥିଲେ। କିନ୍ତୁ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିଲେ। ସେହିପରି ଚେନ୍ନାଇ ପାଇଁ ସେ ୨ଟି ସିଜିନରେ ମାତ୍ର ୭ଟି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇଥିଲେ। ୨୦୨୩ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଜଗଦୀଶନଙ୍କ ସହ ଚୁକ୍ତି କରିଥିଲା। ସେ ଦଳ ପାଇଁ ୬ଟି ମ୍ୟାଚରେ ୮୯ ରନ କରିଥିଲେ। ଆଇପିଏଲରେ ଏଯାଏ ଜଗଦୀଶନ ୧୩ଟି ମ୍ୟାଚ ଖେଳି ୧୬୨ ରନ କରିଛନ୍ତି। ୨୯ ବର୍ଷୀୟ ଜଗଦୀଶ ୫୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ୩୩୭୩ ରନ କରିଥିବା ବେଳେ ଏହା ମଧ୍ୟରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି। ଏକଦା ସେ ଇଣ୍ଡିଆ ଏ ଦଳରେ ରହିଥିଲେ। ୨ଟି ସିଜିନରେ ସେ ସର୍ବାଧିକ ରନ ମଧ୍ୟ ହାସଲ କରିଥିଲେ। ୨୦୨୩-୨୪ ରଣଜୀ ସିଜିନରେ ଜଗଦୀଶନ ୧୩ଟି ଇନିଂସରେ ୮୧୬ ରନ କରିଥିଲେ। ୨୦୨୪-୨୫ରେ ତାଙ୍କ ବ୍ୟାଟରୁ ୧୩ଟି ଇନିଂସରେ ୬୭୪ ରନ ବାହାରିଥିଲା। ଏହା ମଧ୍ୟରେ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି।

## ରାଜ୍ୟସ୍ତରୀୟ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ

# ଅପରାଜିତାଙ୍କୁ ରୌପ୍ୟ, ସ୍ନେହଶ୍ରୀଙ୍କୁ ବ୍ରୋଞ୍ଜ



**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟସ୍ତରୀୟ ଅନ୍ତଃ ବିଦ୍ୟାଳୟ କ୍ୟାରମ୍ ପ୍ରତିଯୋଗିତାରେ କେନ୍ଦୁଝରର ଦୁଇଜଣ ଝିଅ କେନ୍ଦୁଝର ପାଇଁ ଗର୍ବ ପାଲଟିଛନ୍ତି। ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ ଚିନ୍ମୟାନନ୍ଦ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଅନ୍ତଃ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୋଚ୍ ଜିତୁ ରଞ୍ଜନ ଜେନାଙ୍କ ନେତୃତ୍ୱରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଅପରାଜିତା ସାହୁ ଉତ୍ତମ ପ୍ରଦର୍ଶନ କରି ରୌପ୍ୟ ପଦକ ଓ ସ୍ନେହଶ୍ରୀ ଦାଶ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇ ଥିଲେ। ଉଭୟ ଖେଳିବା ବେଳେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସହ କଡ଼ା ଟକ୍କର ହୋଇଥିଲା। ନିର୍ମଳା କନଭେଣ୍ଟ ସ୍କୁଲର ଏହି ଦୁଇ ଛାତ୍ରୀଙ୍କ ପଦକ ବିଜୟ ପରେ କେନ୍ଦୁଝରରେ କ୍ୟାରମ ପ୍ରେମୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଉଭୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ବ୍ୟାଡ୍ମିଣ୍ଟନ ଚାମ୍ପିଅନସିପ୍ ଉଦ୍ୟାପିତ : ମନୀଷ କୁମାର ପାଲଙ୍କୁ ତ୍ରିମୁକୁଟ

**ବାରିପଦା, ନ୍ୟୁଜ୍ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ବ୍ୟାଡ୍ମିଣ୍ଟନ ବାଳକ, ବାଳିକା, ପୁରୁଷ ଓ ମହିଳା ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍ୟାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ-୯୪, ରାଇରଙ୍ଗପୁର ଉପଖଣ୍ଡରୁ-୩୫ ଓ ଉଦଳା ଉପଖଣ୍ଡରୁ-୧୦ ଓ ସମୁଦାୟ ୧୩୯ ବିଭିନ୍ନ ବର୍ଗର ଓ ବୟସ ଶ୍ରେଣୀର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତାମାନେ ସିଧା-ସଳଖ ରାଜ୍ୟସ୍ତରୀୟ ବ୍ୟାଡ୍ମିଣ୍ଟନ ପ୍ରତିଯୋଗିତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି।

ବାଳକ ବିଭାଗ ସିଙ୍ଗ୍ସ ପ୍ରତିଯୋଗିତାରେ ୧୧ ବର୍ଷରୁ କମ୍ ବର୍ଗରେ ବାରିପଦା ଉପଖଣ୍ଡର ବିଶ୍ୱଭବ୍ୟଶ ବେହେରା ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଉତ୍କର୍ଷ ପରିଡ଼ା ରନର୍ସଅପ୍, ୧୩ ବର୍ଷରୁ କମ୍ ବର୍ଗରେ ଉଦଳା ଉପଖଣ୍ଡର ସେକ ରୌନକ ରାଜ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମୟଙ୍କ ସେଠୀ ରନର୍ ଅପ୍, ୧୫ ବର୍ଷରୁ କମ୍ ବର୍ଗରେ ଉଦଳା ଉପଖଣ୍ଡର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମହମଦ ସେକ୍ ତସିଫ୍ ରାଜା ରନର୍ ଅପ୍, ୧୭ ବର୍ଷରୁ କମ୍ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ବୀର ବାହାଦୁର ହେମ୍ବ୍ରମ ରନର୍ସଅପ୍, ୧୯ ବର୍ଷରୁ କମ୍ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ସଅପ୍ ହୋଇଥିବା ବେଳେ ବାଳକ ବିଭାଗ ଡବଲ୍ସର ୧୧ ବର୍ଷରୁ କମ୍ ବର୍ଗରେ ବାରିପଦା ଉପଖଣ୍ଡର ଆରୁଷ ଗୁରୁଙ୍ଗ ଓ ଲକି ମାରାଣ୍ଡି ଯୋଡ଼ି ଚାମ୍ପିଅନ୍ ଓ ବିଶ୍ୱଭବ୍ୟଶ ବେହେରା ଓ ଉତ୍କର୍ଷ ପରିଡ଼ା ଯୋଡ଼ି ରନର୍ସଅପ୍, ୧୩ ବର୍ଷରୁ କମ୍ ବର୍ଗରେ ଉଦଳା ଉପଖଣ୍ଡର ସ୍ୱସ୍ତିକ ନାୟକ ଓ ସେକ୍ ରୌନକ ରାଜ ଯୋଡ଼ି ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଇଶାନ୍ତ ବେହେରା ଓ ସଂକେତ ସାମଲ ଯୋଡ଼ି ରନର୍ସଅପ୍, ୧୫ ବର୍ଷରୁ କମ୍ ବର୍ଗରେ ଉଦଳା ଉପଖଣ୍ଡର ଦିବ୍ୟାଂଶୁ ସାହୁ ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡ଼ି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ପ୍ରତ୍ୟୁଷ କୁମାର ପରିଡ଼ା ଓ ଭିରାଜ ନାୟକ ଯୋଡ଼ି ରନର୍ସଅପ୍, ୧୭ ବର୍ଷରୁ କମ୍ ବର୍ଗରେ ଉଦଳା ଉପଖଣ୍ଡର ରାଜ ଅଭିଷେକ ପଣ୍ଡା ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡ଼ି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ବିଦ୍ୟୁଷ୍ମାନ ବେହେରା ଓ ସୌରୀୟଦୀପ କାରକୀ ଯୋଡ଼ି ରନର୍ସଅପ୍, ୧୯ ବର୍ଷରୁ କମ୍ ବର୍ଗରେ- ବାରିପଦା ଉପଖଣ୍ଡର ପ୍ରିୟାଂଶୁ ଦାସ ଓ ଅନ୍ୱେଷ ମହାନ୍ତି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଆୟୁଷ୍ମାନ ପାଢୀ ଓ ସଂବିତ ପାଢୀ ଯୋଡ଼ି ରନର୍ସଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗ୍ସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜିତ ଦାସ ରନର୍ସଅପ୍ ଏବଂ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ବାରିପଦାର ପୀୟୂଷ ବାରିକ ଓ ଜୟଜିତ ଦାସ ଯୋଡ଼ି ସ୍ୱୟଂ ଭୁବ ମହାନ୍ତି ଓ ଶରତ ରଣା ଯୋଡ଼ିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ।



ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ, ଦେବାଶିଷ ବେହେରା, ସୋମ୍ୟଜିତ ବେହେରା, ଆୟୁଷ୍ମାନ ପଟ୍ଟନାୟକ, କୁନୁ ମଣ୍ଡଳ ଓ ସୋମ୍ୟ ରଞ୍ଜନ ପାଣିଗ୍ରାହୀ ସହାୟତା କରିଥିଲେ। ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡ଼ା, ସୁଦୀପ କୁମାର ଦାସ, ଅଭିଷେକ ସାହୁ, କାର୍ତ୍ତିକ ବାରିକ, ଉଦୟ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡ୍ମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ଼ ମନବୃତ୍ତି, ଅବିଭାବକମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ଘୋଷିତ

**ନୂଆଦିଲ୍ଲୀ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ର ଅନ୍ତିମ ମ୍ୟାଚ୍ ଜୁଲାଇ ୩୧ରେ ଓଭାଲରେ ଖେଳାଯିବ। ଏହି ମୁକାବିଲା ପାଇଁ ଘରୋଇ ଦଳ ସୋମବାର ଟିମ୍ ଘୋଷଣା କରିଛି। ଦଳରେ ଦ୍ରୁତ ବୋଲିଂ ଅଲରାଉଣ୍ଡର ଜେମି ଓଭରଟନଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଓଭରଟନ ଏହି ସିରିଜ୍ର ପ୍ରଥମ ତିନୋଟି ଟେଷ୍ଟରେ ଇଂଲଣ୍ଡ ଦଳର ସଦସ୍ୟ ଥିଲେ। ହେଲେ ମାଞ୍ଚେଷ୍ଟର ଟେଷ୍ଟରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା, ଯଦ୍ୱାରା ସେ ସରେ ପାଇଁ କାଉଣ୍ଟି ମ୍ୟାଚ୍ ଖେଳି ପାରିବେ। ଜେମି ଓଭରଟନ ଏ ପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ଏକମାତ୍ର ଟେଷ୍ଟ ଖେଳି ୯୭ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଛନ୍ତି। ତେବେ ଓଭରଟନଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିବାର ଯଥେଷ୍ଟ ଅଭିଜ୍ଞତା ରହିଛି। ସେ ଅଦ୍ୟାବଧି ୯୮ ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ୩୧.୨୩ ହାରରେ ୨୩୭ ୱିକେଟ୍ ଅକ୍ତିକାର କରିଛନ୍ତି। ଏହା ସହିତ ୨୧.୮୨ ହାରରେ ୨୪୦୧ ରନ କରିଛନ୍ତି। ସିରିଜ୍ରେ ଭାରତୀୟ ଦଳ ୧-୨ରେ ପଛୁଆ ରହିଛି। ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଜିତିଥିବା ବେଳେ ବର୍ମିଂହାମରେ ଭାରତ ୩୩୬ ରନର ବିଶାଳ ବ୍ୟବଧାନରେ ମ୍ୟାଚ୍ ଜିତିଥିଲା। ତେବେ ଲର୍ଡ୍ସ ଟେଷ୍ଟକୁ ଇଂଲଣ୍ଡ ଜିତି ୨-୧ରେ ଆଗୁଆ ରହିଛି। ମାଞ୍ଚେଷ୍ଟରରେ ଖେଳା ଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ଏକ ନିଶ୍ଚିତ ପରାଜୟକୁ ଟାଳିବାରେ ସଫଳ ହୋଇଛି। ଅଧିନାୟକ ଶୁଭମନ ଗିଲ୍, ରବୀନ୍ଦ୍ର ଜାଡ଼େଜା ଓ ୱାଶିଂଟନ ସୁନ୍ଦରଙ୍କ ଶତକ ସହ କେଏଲ ରାହୁଲଙ୍କ ୯୦ ରନ ବଳରେ ମ୍ୟାଚ୍କୁ ଡ୍ର କରାଇ ପାରିଛି।

ପଞ୍ଚମ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ : ବେନ ଷ୍ଟୋକ୍ସ(ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଏଟକିଂସନ, ଜ୍ୟାକବ ବେଥେଲ, ହ୍ୟାରି ବ୍ରୁକ, ବ୍ରାଇନ କାର୍ସ, ଜ୍ୟାକ କ୍ରାଉଲି, ଲିୟାମ ଡାସନ, ବେନ ଡକେଟ୍, ଜେମି ଓଭରଟନ, ଓଲି ପୋପ, ଜୋ ରୁଟ୍, ଜେମି ସ୍ମିଥ, ଜୋଶ ଟଙ୍ଗ, କ୍ରିସ ୱୋକ୍ସ।

# ଧରାପଡ଼ିଲେ ଆନ୍ତଃରାଜ୍ୟ ଚେନ୍ ଲୁଟେରା ଗ୍ୟାଙ୍ଗ : ୫ ଗିରଫ ସହ ସମସ୍ତ ସାମଗ୍ରୀ ଜବତ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ପୋଲିସକୁ ମିଳିଛି ବଡ଼ ସଫଳତା। କେନ୍ଦୁଝର ପୋଲିସର ନାକେଦମ୍ କରି ରଖିଥିବା ଏକ ଆନ୍ତଃରାଜ୍ୟ ଚେନ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସହ ପାଞ୍ଚ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ଠାରୁ ସମସ୍ତ ୮ଟି ସୁନା ଚେନ, ୨୧ଟି ମୋବାଇଲ, ୧୪ଟି ବାଇକ୍, ୧୧ହାଜର ଟଙ୍କା ମଧ୍ୟ ଜବତ କରିଛି ପୋଲିସ। ମୁଖ୍ୟ ପାଞ୍ଚ ଜଣ ହେଲେ ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ. ଆସୁ, ଏମ୍. ଅନିଲ ଓ ସୁନିଲ ଦାସ। ଏମାନଙ୍କ ସହ ଅନ୍ୟ ୧୫ ଜଣଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିବା ସୋମବାର ଜିଲ୍ଲା ମୁଖ୍ୟାଳୟରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଡାଗୁଡୁ। ପ୍ରକାଶ ଯେ ଗତ ୧୬ ତାରିଖ ସନ୍ଧ୍ୟା ୬ ଟାରୁ ୮ ଭିତରେ ସହରର ବିଭିନ୍ନ ସ୍ଥାନରେ ଚେନ ଚୋରି ଅଭିଯୋଗ ହୋଇଥିଲା। ସହରରେ ଏହା ଏତେ ବଡ଼ ଧରଣର ଡକାୟତି ହୋଇଥିବା ବେଳେ ପୋଲିସର କାର୍ଯ୍ୟ ନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଥିଲା। ଏନେଇ ଜିଲ୍ଲା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ସିସିଟିଭି ଫୁଟେଜ୍, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୋଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ। ଏହାର ମୁଖ୍ୟସ୍ଥାନ ଭାବେ ପୋଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଳ ଓ ପୂର୍ବକୋଟର ବୋଲି ଜାଣିବାକୁ ପାଇଥିଲା। ଯାଜପୁର ଜିଲ୍ଲା ପୋଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ୍ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥଲା। ପୋଲିସ ଛାନଭିନରୁ ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ ଓଡ଼ିଶା ସହ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ସେମାନଙ୍କ ରାକେଟ ଚଳାଇଥିବା ଜଣା ପଡ଼ିଥିଲା। ଏମାନେ ଏକ ହଜାରୀ ଉର୍ଦ୍ଧ୍ୱ ଚେନ୍ ଚୋରିରେ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା। ଟାଉନ୍ ଥାନ ପକ୍ଷରୁ ଏମାନଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ୮ଟି କେସ ରୁଜୁ ହୋଇଥିଲା। ଯଥାକ୍ରମେ କେସ ନମ୍ବର୍ ୪୯୧/୨୫, ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫, ୫୧୮/୨୫, ୫୧୯/୨୫, ୫୨୦/୨୫ ସେକ୍ସନ ୩୦୯(୪)। ଏହି ଗିରଫ ହୋଇଥିବା ସମସ୍ତ ଚେନ ଲୁଟେରାଙ୍କୁ ସହର ମଧ୍ୟରେ ସିନ ରିକ୍ରିଏସନ୍ କରିଥିଲା ଟାଉନ ପୋଲିସ। ଏନେଇ ଅଧିକ ତଦନ୍ତ ଜାରି ଥିବା ପୋଲିସ ପ୍ରକାଶ କରିଛି।

# ପୂର୍ବତନ କୁଳପତିଙ୍କ ବିଭ୍ରାନ୍ତିକର ନିଯୁକ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାରିପଦା, ନ୍ୟୁଜ୍ବ୍ୟୁରୋ**

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଳସଚିବଙ୍କ ଚିଠି ନମ୍ବର ୮୦ ତା ୧୩.୦୧.୨୫ ଅନୁଯାୟୀ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କୁ ଦୂରନିରନ୍ତର ଓ ଅନଲାଇନ ଶିକ୍ଷାର ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା। ସେଥିରେ ଏକ ବର୍ଷ ପର୍ଯ୍ୟନ୍ତ ନିଜ ମୂଳ ବିଭାଗର କୌଣସି ଦାୟିତ୍ୱରେ ସେ ରହିପାରିବେନି ବୋଲି ଉଲ୍ଲେଖ ଥିଲା। ମାତ୍ର ପୁଣି ପୂର୍ବତନ କୁଳପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଚିଠି ନମ୍ବର ୩୨୨୩ ତା ୬.୬.୨୫ ମୁତାବକ କୁଳସଚିବ ପ୍ରଫେସର ନାୟକଙ୍କୁ ବାୟୋଟେକ୍ନୋଲୋଜି ବିଭାଗରେ ବିଭାଗୀୟ ମୁଖ୍ୟ ରୂପେ ନିଯୁକ୍ତି ଦେଇଛନ୍ତି। ଚିଠି ଅନୁଯାୟୀ ତାଙ୍କର ମୂଳ ବିଭାଗରେ କୌଣସି କାର୍ଯ୍ୟ ନଥିବା ବେଳେ ପୁଣି ବର୍ଷେ ନପୁରିବା ପୂର୍ବରୁ କିପରି ତାଙ୍କୁ ବିଭାଗୀୟ ମୁଖ୍ୟ କରାଗଲା ଏବଂ କେଉଁ ସ୍ୱାର୍ଥରେ କରାଗଲା ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବାବଦରେ ବାରିପଦାର ପୂର୍ବତନ ବିଧାୟକ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ ପୂର୍ବତନ କୁଳପତି ଏକ ଗାରିମାମୟ ପଦବୀରେ ରହି ବିଶ୍ୱବିଦ୍ୟାଳୟକୁ ଖେଳନା ରୂପେ ବ୍ୟବହାର କରିବାର ଅନେକ ଦୃଷ୍ଟାନ୍ତ ମଧ୍ୟରୁ ଏହି କାର୍ଯ୍ୟଟି ଅନ୍ୟତମ ବୋଲି କହିଛନ୍ତି। ମନଇଚ୍ଛା ନିଷ୍ପତ୍ତି ନେବା ପୁଣି ନିଜ ନିଷ୍ପତ୍ତିକୁ ବାରମ୍ବାର ବଦଳେଇବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ। ନୂତନ ଭାରପ୍ରାପ୍ତ କୁଳପତିଙ୍କୁ ଶ୍ରୀଦାଶ ସ୍ୱାଗତ କରିବା ସହ ପୂର୍ବତନ କୁଳପତିଙ୍କ ଏହିଭଳି ବିଭିନ୍ନ ବିଭ୍ରାନ୍ତିକର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ଦାବି କରିଛନ୍ତି। ଯେଉଁ ଲକ୍ଷ ରଖି ବହୁ ବର୍ଷ ଧରି ସଂଘର୍ଷ ଓ ଆନ୍ଦୋଳନର ଫଳ ସ୍ୱରୂପ ମୟୂରଭଞ୍ଜବାସୀଙ୍କୁ ଏହି ବିଶ୍ୱବିଦ୍ୟାଳୟଟି ମିଳିଥିଲା, ତାହା ଯେପରି ବୃଥା ନ ଯାଉ ସେଥିପ୍ରତି ଏହି ଜିଲ୍ଲାର ବର୍ତ୍ତମାନର ବିଧାୟକ, ମନ୍ତ୍ରୀ, ଲୋକସଭା ସାଂସଦ, ବୁଦ୍ଧିଜୀବୀ ସମସ୍ତେ ଯତ୍ନବାନ ହେବାକୁ ଶ୍ରୀ ଦାଶ ଆହ୍ୱାନ ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ଏହି ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି ଦେବାକୁ ଦାଶ ପୁଣି ଥରେ ରାଜ୍ୟ ସରକାର ଓ କୁଳାଧିପତିଙ୍କ ଠାରେ ଦାବି ଜଣେଇଛନ୍ତି।

## ଜମିବାଡ଼ିକୁ କେନ୍ଦ୍ର କରି ବୁଲିଲା

# ଖଣ୍ଡା: ମହିଳାଙ୍କ ସମେତ ୪ ଗୁରୁତର

**ପୁରୁଷୋତ୍ତମପୁର, ନ୍ୟୁଜ୍ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହାଣ୍ଡିଘର ଗ୍ରାମରେ ଜମିଜମା ସମ୍ବନ୍ଧୀୟ ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାର ଉପରେ ଅନ୍ୟ ଏକ ପରିବାର ଉପରେ ଆକ୍ରମଣ କରି ଖଣ୍ଡା ଏବଂ କଟୁରିରେ ହାଣି ପକାଇଛନ୍ତି। ଗୁରୁତର ମାନେ ହେଲେ ଭାଗିରଥୀ ମହାନ୍ତି, ଗୋପାଳ ମହାନ୍ତି, କାହ୍ନୁ ମହାନ୍ତି ଓ ଅମ୍ବିକା ପାଣିଗ୍ରାହୀ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ପରେ ବିଶାଖାପାଟଣାକୁ ସ୍ଥାନାନ୍ତର କରା ଯାଇଛି। ଖବରପାଇ ପୁରୁଷୋତ୍ତମପୁର ପୋଲିସ ଘଟଣାସ୍ଥଳକୁ ଯାଇ କିଛି ବ୍ୟକ୍ତିଙ୍କୁ ଧରି ଆଣି ପଚାରଉଚରା କରିବା ସହ ତଦନ୍ତ ଜାରି ରଖିଛି।

**OFFICE OF THE NOTIFIED AREA COUNCIL, DHARAMAGARH** C-763

NO 1330 / DHM DATE 25.07.2025

**Quotation Call Notice**

Sealed quotations are hereby invited from interested and eligible suppliers/dealers for the supply of one (01) no. 26 HP water pump for dewatering purposes for Dharamgarh NAC.

**Specification :**

- Capacity: 26 HP
- Type: Diesel-operated water pump s
- Purpose: Dewatering
- Complete with all standard accessories including suction pipe, delivery pipe, and trolleymounted frame (if applicable)
- Warranty: Minimum one year

**Terms & Conditions :**

1. The quotation must include all taxes, transportation, and installation charges (if any).
2. The bidder must have a valid GST registration and PAN.

The quotation should reach before the undersigned up to 1.00 P.M. of 06.08.2025 by Regd. Post/Speed Post/ Specific Tender Box of NAC Dharamagarh in sealed cover clearly marked as : **"Quotation for Supply of 26 HP Water Pump"** and the same will be opened in the same day at 3.00P.M in the presence of the quotationers or their authorized representatives. EMD of Rs. 5,000/-(Five Thousand)only should be furnished in shape of Bank Draft of any Nationalised Bank to be drawn in favour of Executive Officer N.A.C., Dharamagarh along with the EOI. The quotation received after the stipulated date and time or any type of postal delay will not be accepted. The undersigned reserves the right to accept or cancel any or all the quotation without assigning any reason thereof.

Sd/- Executive Officer
NAC, Dharamgarh

OIPR-13163/11/0010/2526

**Office of District Manager**
**Odisha State Civil Supplies Corporation Ltd. (OSCSC)**
(District) Phone: 06753-252439
District Website: nayagarh.odisha.gov.in
Annexure-II
CAD-1284

Tender No. 3579, 3580, 3581, 3582, 3583, 3584, 3585 & 3586 Dt. 24.07.2025

District Manager, Odisha State Civil Supplies Corporation Ltd, **Nayagarh (District)** invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of foodgrains from RRCs to Retail Centers (FPS) in the Nayagarh district of the State of Odisha. |
| 2 | Availability of bid document in the portal | From **25.07.2025.** |
| 3 | Last Date / Time for Receipt of bids in the portal | **Dt. 08.08.2025 upto 5.00 P.M.** |
| 4 | Date/Time of Opening Of Technical Bid | **Dt.12.08.2025 at 11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd, Nayagarh District |

Tender Documents & other details can be seen from the e-procurement portal www.oscsc.in,www.foododisha.in&www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
OSCSC Ltd., Nayagarh

OIPR-07057/11/0010/2526

# ଜଳିଗଲା ୮ ବଖରା ଘର

**ଖଲ୍ଲିକୋଟ, ନ୍ୟୁଜ୍ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଘର ନଷ୍ଟ ହେବା ସହ ଲକ୍ଷାଧିକ ଟଙ୍କା ଏବଂ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନାନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି. ସନ୍ତୋଷୀ ପାତ୍ର, ଏନ୍.ଶାନ୍ତି ପାତ୍ର ଏବଂ କେ.ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତେ ଦିନମଜୁରିଆ ହୋଇଥିବାରୁ ଧାନ ବିଲରେ କାମ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଏବଂ ରମ୍ଭା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ଘରେ ଥିବା ଧାନ, ଚାଉଳ, ଆଲମାରୀ ଥିବା ଲୁଗାପଟା, ଟଙ୍କା ସୁନା ଆଦି ସବୁ ପୋଡ଼ିଯାଇଛି। ଏନ୍. ଶାନ୍ତି ପାତ୍ରଙ୍କ ସ୍ୱାମୀ ଏନ୍. ତାରେଶ୍ୱର ପାତ୍ର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏହି ତିନି ଗରିବ ପରିବାରଙ୍କୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ମାଲକାନଗିରିରେ ଟିପିଏସ୍ଓଡିଏଲ୍ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମପୁର, ନ୍ୟୁଜ୍ବ୍ୟୁରୋ**

ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ପ୍ରତିବଦ୍ଧତାକୁ ଦୋହରାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ସିନ୍ଧିମାଳ ଗ୍ରାମରେ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବୃକ୍ଷ ମିତ୍ର ପଦକ୍ଷେପ ଅଧୀନରେ ଏହା ଅନୁଷ୍ଠିତ ହୋଇ ଥିଲା। ଟାଟା ସଷ୍ଟେନେବିଲିଟି ମାସ -୨୦୨୫ ର ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଭାଗ ନେଇ ବୃକ୍ଷ ରୋପଣ କରିଥିଲେ। ଏହା ପରିବେଶ ସଚେତନତା ବୃଦ୍ଧି କରିବା ସହ ସ୍ଥାନୀୟ ଅଞ୍ଚଳରେ ଗୋଷ୍ଠୀ ନିୟୋଜନକୁ ପ୍ରୋତ୍ସାହିତ କରିଥିଲା।




ଦକ୍ଷିଣ ଓଡ଼ିଶାର ମାଲକାନଗିରି ଜିଲ୍ଲା ଏହାର ଜୈବ ବିବିଧତା ଏବଂ ଜନଜାତି ସଂସ୍କୃତି ପାଇଁ ପରିଚିତ। ତେଣୁ ଟିପିଏସ୍ଓଡିଏଲ୍ ପକ୍ଷରୁ ଏହି ଜିଲ୍ଲାକୁ ପ୍ରାଧାନ୍ୟ ଦିଆଯାଇ ସିଏସଆର୍ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଭାଗିଦାରୀରେ ଏକ ସବୁଜ ପରିବେଶ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ମଧ୍ୟ କମ୍ପାନୀ ଲକ୍ଷ୍ୟ ରଖିଛି। ଏହିଅବସରରେଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍ଓଡିଏଲରେ ଆମର ପ୍ରତ୍ୟେକ କାର୍ଯ୍ୟରେ ସଷ୍ଟେନେବିଲିଟି ଉପରେ ଗୁରୁତ୍ୱ ଦିଆଯାଏ। ଆମର ବୃକ୍ଷ ମିତ୍ର ପଦକ୍ଷେପ କେବଳ ଚାରା ରୋପଣରେ ସୀମିତ ନୁହେଁ, ବରଂ ଏହା ଏକ ସ୍ୱଚ୍ଛ ସବୁଜ ପରିବେଶ ଗଠନ ଦିଗରେ ଆମର ସମର୍ପିତ ମନୋଭାବକୁ ଦର୍ଶାଏ। ଏଭଳି ଛୋଟଛୋଟ ପଦକ୍ଷେପ ମାଧ୍ୟମରେ ଆମେ ବଡ଼ ପରିବର୍ତ୍ତନ ଆଣି ପାରିବା ଏବଂ ଆମ ପୃଥିବୀକୁ ସୁନ୍ଦର କରିପାରିବା।' ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସାମାଜିକ ଦାୟିତ୍ୱବୋଧ ଏବଂ ପରିବେଶ ସୁରକ୍ଷା ଦାୟିତ୍ୱ ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ଏହା ଦର୍ଶାଏ ଯେ ମିଳିତ ପ୍ରୟାସ ଦ୍ୱାରା ଛୋଟ ଛୋଟ ପଦକ୍ଷେପ ମାଧ୍ୟମରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି ହୋଇ ପାରିବ। ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ସଶକ୍ତିକରଣ କରି ଦକ୍ଷିଣ ଓଡ଼ିଶାରେ ଏକ ସବୁଜ, ସୁସ୍ଥ ଏବଂ ସଷ୍ଟେନେବଲ ଭବିଷ୍ୟତ ନିର୍ମାଣ ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଛି।





# ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆହ୍ୱାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ପାଳନ ହେଉଛି 'ବିଶ୍ୱ ହେପାଟାଇଟିସ୍ ଦିବସ'। ଏହି ଭୂତାଣୁ ଜନିତ ଦୁଃସାଧ୍ୟ ରୋଗଠୁ ଦୂରେଇ ରହିବା ପାଇଁ ସତର୍କ ହେବା ଏବଂ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ସଂକଳ୍ପବଦ୍ଧ ହେବା। ମନ୍ତ୍ରୀ କହିଛନ୍ତି ଯେ, ନବଜାତ ଶିଶୁକୁ ଜନ୍ମର ୨୪ ଘଣ୍ଟା ମଧ୍ୟରେ ହେପାଟାଇଟିସ୍ ପ୍ରତିଷେଧକ ଟିକା ଦେବାକୁ କେବେବି ଭୁଲନ୍ତୁ ନାହିଁ। ଏହା ସମସ୍ତ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ। ସେହିପରି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ଅବସରରେ ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ହେଉଛି ଆମର ଦାୟିତ୍ୱ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ସେ ଆହୁରି କହିଛନ୍ତି ଯେ, ପ୍ରକୃତି ଆମ ବଞ୍ଚିବାର ମାଧ୍ୟମ, ପ୍ରକୃତି ବିନା ଜୀବନ ଅସମ୍ଭବ, ତେଣୁ ଏହାର ସୁରକ୍ଷା ଓ ସଂରକ୍ଷଣ ହେଉଛି ଆମର ଦାୟିତ୍ୱ। ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଉପଲକ୍ଷେ ଆସନ୍ତୁ ଏଥିପ୍ରତି ଯତ୍ନବାନ ହେବା। ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଶପଥ ନେବା।

## ହେପାଟାଇଟିସ୍ ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଛି : ନବୀନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ହେପାଟାଇଟିସ୍ ହେଉଛି ଯକୃତର ଏକ ସୋଜା ଅବସ୍ଥା, ଯାହା ସାରା ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କୁ ପ୍ରଭାବିତ କରେ। ବିଶ୍ୱ ହେପାଟାଇଟିସ୍ ଦିବସରେ ଆସନ୍ତୁ ଏହି ସାଧ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା, ରୋଗ ଚିହ୍ନଟ ଓ ଚିକିତ୍ସାର ସୁବିଧା ବୃଦ୍ଧି କରି ଅମୂଲ୍ୟ ପ୍ରାଣ ବଞ୍ଚାଇବା ପାଇଁ ଉଦ୍ୟମ କରିବା।

# ଓ.ପି. ଜିନ୍ଦଲ ସ୍କୁଲରେ ପଦାଭିଷିକ୍ତ ସମାରୋହ




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଓ.ପି. ଜିନ୍ଦଲ ସ୍କୁଲ, ଅନୁଗୁଳ ପକ୍ଷରୁ ଜିନ୍ଦଲ ନଗର ସ୍ଥିତ ଇଡେନ ଗାର୍ଡେନ ଠାରେ ବେଶ ଉତ୍ସାହର ସହିତ ପଦାଭିଷିକ୍ତ ବା ପଦବୀ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିନ୍ଦଲ ଷ୍ଟିଲର ସଭାପତି ତଥା ସିଏଚ୍‌ଆରଓ ଦିଲୀପ କୁମାର ସିହ୍ନା ଏବଂ ସୁରକ୍ଷା ମୁଖ୍ୟ (ଏସ୍‌ଏଫ୍‌ଏସଏସ) ବ୍ରିଗେଡିୟର (ଅବସରପ୍ରାପ୍ତ) ଦିନେଶ ଶର୍ମା ଯଥାକ୍ରମେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ପ୍ରେରଣାଦାୟୀ ଭାଷଣ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିଥିଲା।
ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ ଏହି ପଦବୀ ଗ୍ରହଣ ଉତ୍ସବ ସମାରୋହ ଆରମ୍ଭ ହୋଇଥିଲା। ଏହା ପରେ ପ୍ରଧାନଶିକ୍ଷକ ଡକ୍ଟର ଅଶ୍ୱିନୀ କୁମାର ସାହୁ ସ୍ୱାଗତ ଭାଷଣ ରଖିଥିଲେ। ଶ୍ରୀ ଦିଲୀପ କୁମାର ସିହ୍ନା ତାଙ୍କ ଭାଷଣରେ ଦାୟିତ୍ୱବୋଧକୁ ବିକଶିତ କରିବା ଉପରେ ଆଲୋକପାତ କରିଥିଲେ। ଆହ୍ୱାନପୂର୍ଣ୍ଣ ସମୟରେ ଏହି ଦାୟିତ୍ୱବୋଧ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିଥାଏ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଯେତେବେଳେ ବ୍ୟକ୍ତିମାନେ ସଚ୍ଚୋଟତା, ସହାନୁଭୂତି ଏବଂ ସାମୂହିକ ପ୍ରଗତି ପାଇଁ ଅଟଳ ପ୍ରତିବଦ୍ଧତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି, ସେତେବେଳେ ପ୍ରକୃତ ନେତୃତ୍ୱର ଉଦୟ ହୁଏ। ସେହିପରି ବ୍ରିଗେଡିୟର ଶର୍ମା ତାଙ୍କ ଅଭିଭାଷଣରେ ଚରିତ୍ରର ମୂଳଦୁଆ ଭାବରେ ସଚ୍ଚୋଟତାକୁ ଗୁରୁତ୍ୱ ଦେଇଥିଲେ।
ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଛାତ୍ର ନେତାମାନଙ୍କୁ ବ୍ୟାଜ୍ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ନିକଟରେ ଅନୁଷ୍ଠିତ ଏକ ତାଲିମ ଶିବିରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଏନସିସି କ୍ୟାଡେଟମାନଙ୍କୁ ସ୍ୱୀକୃତି ଦିଆଯାଇଥିଲା। ହେଡ୍ ବୟ ଏବଂ ହେଡ୍ ଗାର୍ଲଙ୍କ ଦ୍ୱାରା ହୃଦୟସ୍ପର୍ଶୀ ଧନ୍ୟବାଦ ପ୍ରଦାନ ସହିତ ସମାରୋହ ଶେଷ ହୋଇଥିଲା।
ଏହି ଅବସରରେ ଉପାଧ୍ୟକ୍ଷ ଡକ୍ଟର ଅରୁଣ କୁମାର ଦାଶ, ପ୍ରଶାସକ ଶ୍ରୀ ସୌମ୍ୟା ବାନାର୍ଜୀ ଏବଂ ବରିଷ୍ଠ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉତ୍ସାହୀ ଛାତ୍ରମାନଙ୍କ ଏକ ଗୋଷ୍ଠୀ ଦ୍ୱାରା ସୁରୁଖୁରୁରେ ପରିଚାଳନା କରାଯାଇଥିଲା।

## ଖୁବ୍‌ଶୀଘ୍ର ଘୋଷଣା ହେବ ବିଜେପି ରାଜ୍ୟ କମିଟି

# ୧୦ ଉପସଭାପତି, ୪ ସାଧାରଣ ସଂପାଦକ, ୧୦ ସଂପାଦକ ଓ ଜଣେ କୋଷାଧ୍ୟକ୍ଷ ରହିବେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଖୁବଶୀଘ୍ର ଘୋଷଣା ହେବ ବିଜେପି ରାଜ୍ୟ କମିଟି । କମିଟିରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସଂପାଦକ, ଜଣେ ସାଧାରଣ ସଂପାଦକ (ସଂଗଠନ), ୧୦ ଜଣ ସଂପାଦକ ଓ ଜଣେ କୋଷାଧ୍ୟକ୍ଷ ରହିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । କମିଟି ଯେ କୌଣସି ମୁହୂର୍ତ୍ତରେ ଘୋଷଣା ହୋଇପାରେ । ଦୁଇ ଦିନ ହେବ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମାରାଥନ୍ ବୈଠକରୁ ଏହା ବାରି ହେଉଛି । ଲମ୍ବା ସମୟ ଧରି ବୈଠକ ଚାଲିଥିଲା। ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପିର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ପହଞ୍ଚିଥିଲେ । ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିବା ସୂଚନା ମିଳିଥିଲା। ବୈଠକରେ ବହୁ ବରିଷ୍ଠ ମନ୍ତ୍ରୀ ସାମିଲ ହୋଇଥିଲେ । ତେବେ କିଛି ଦଳୀୟ ନେତାଙ୍କ କହିବା ଅନୁସାରେ ପ୍ରଥମେ ରାଜ୍ୟ ବିଜେପିର ନୂଆ ଟିମ୍ ଘୋଷଣା କରାଯିବ । ଏଥିରେ ୨୫ ପ୍ରତିଶତ ନୂଆ ମୁହଁ ଓ ୩୩ ପ୍ରତିଶତ ମହିଳା ସ୍ଥାନ ପାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ କିଛି ବୋର୍ଡ ଓ ନିଗମର ଅଧ୍ୟକ୍ଷ ପଦ ଘୋଷଣା କରାଯିବ । ସରକାରୀ ଓକିଲଙ୍କ ତାଲିକା ବି ଜାରି ହେବ । କମିଶନ ପଦବି ବି ପୂରଣ ହେବ । ଶେଷରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବ । ତେବେ ଯେହେତୁ ବୈଠକ ହେଉଥିଲା ତେଣୁ ସମସ୍ତ ପ୍ରସଙ୍ଗରେ ଆଲୋଚନା ହୋଇଛି । ରାଜ୍ୟ କାର୍ଯ୍ୟକାରିଣୀ ଗଠନ ବାବଦରେ ଚର୍ଚ୍ଚା ହୋଇଛି । ସଙ୍ଗଠନ ପର୍ବରେ ଜିଲ୍ଲା, ମଣ୍ଡଳ ଓ ପ୍ରଦେଶ ରହିଛି । ତେଣୁ ପ୍ରାୟ ସମସ୍ତ ପ୍ରସଙ୍ଗ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି । ଶୀଘ୍ର ଘୋଷଣା ହେବ ବୋଲି ଓଡ଼ିଶା ବିଜେପିର ସହପ୍ରଭାରୀ ଲତା ସୂଚନା ଦେଇଛନ୍ତି । ସେହିପରି ବିଜେପିର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି, ସମସ୍ତଙ୍କ ସହ ବାରମ୍ବାର ଆଲୋଚନା ଓ ବିଚାରବିମର୍ଷ କରାଯାଉଛି । ତେବେ ଖୁବଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ହେବ । ଆମେ ମଧ୍ୟ ସେ ଦିଗରେ ଚେଷ୍ଟା ଜାରି ରଖିଛୁ ବୋଲି ଶ୍ରୀ ତୋମାର କହିଛନ୍ତି।

# ପ୍ରଶଂସନୀୟ କାର୍ଯ୍ୟ ପାଇଁ ୪ ରେଳ କର୍ମଚାରୀ ସମ୍ମାନିତ




**ଭୁବନେଶ୍ୱର, ୨୮ /୦୭**
**ନ୍ୟୁଜ ବ୍ୟୁରୋ**
ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ଡବପାଲରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-ଆଇଭି ଶ୍ରୀ ବୀରେନ୍ଦ୍ର ପ୍ରସାଦ ଗୋରାଇଂ; କୁମ୍ଭାର ସୋଡ଼ରା ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୦୦ ଶ୍ରୀ ରୋହିତ କୁମାର, ଜଖପୁରାରେ ଟ୍ରାଫିକ ପଏଣ୍ଟସମ୍ୟାନ ଅଭିମନ୍ୟୁ ଦଲେଇ ଏବଂ ଜରପଡ଼ା ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-ଓ ଗୌତମ ମାଝୀ ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ଉପସ୍ଥିତି ବୁଦ୍ଧିର ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବାରେ ସହାୟକ ହେଇଛି ।
ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି । ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍, ସିଗନାଲ ଏବଂ ଓଏଚ୍‌ଇ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସାର୍ଗିକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକଙ୍କ ସୁଖଦୁଃଖରେ ଅଛନ୍ତି...

ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହିଥିଲେ। ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୧ ପ୍ରତିଶତ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି ।

ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

### ସଂସଦରେ ଅପରେସନ...

ପାକିସ୍ତାନକୁ ଉଚିତ ଶିକ୍ଷା ଦେବା ଲାଗି ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ତେବେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)କୁ କବଜା କରିବା ଲାଗି ଭାରତ ପାଇଁ ଏହା ଉପଯୁକ୍ତ ସମୟ ଥିଲା । ଅପରେସନକୁ ବନ୍ଦ କରାଯିବା ଉଚିତ ନ ଥିଲା। ଏବେ ପିଓକେ ଆଣିବାନି ତ କେବେ ଆଣିବା ବୋଲି ବିରୋଧୀମାନେ ସରକାରଙ୍କୁ ପ୍ରଶ୍ନ କରି ହୋହଲ୍ଲା କରିଥିଲେ।

### କ୍ଷେପଣାସ୍ତ୍ର ପ୍ରଳୟ-୬ର...

ରହିଛି। ଅତ୍ୟାଧୁନିକ ନାଭିଗେସନ ସିଷ୍ଟମ ସହ ଭୂପୃଷ୍ଠରୁ ଏହା ଟାର୍ଗେଟ କରିଥାଏ। ଏହି ସଫଳ ଉତ୍‌କ୍ଷେପଣ କେବଳ ଭାରତର କ୍ଷୁଦ୍ର-ଦୂରବର୍ତ୍ତୀ ଆକ୍ରମଣ କ୍ଷମତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ଏକ ବଡ଼ ସଫଳତା। ପ୍ରତିରକ୍ଷା ବିଶ୍ଳେଷକମାନେ ପ୍ରଳୟ-୬କୁ ଯୁଦ୍ଧକ୍ଷେତ୍ର ଶ୍ରେଷ୍ଠତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆସେଟ ଭାବରେ ବିବେଚନା କରିଛନ୍ତି। ପ୍ରମୁଖ ପ୍ରତିରକ୍ଷା ଅଧିକାରୀ ଏବଂ ବୈଜ୍ଞାନିକମାନଙ୍କ ଦ୍ୱାରା ଏହି ଉତ୍‌କ୍ଷେପଣ ପର୍ଯ୍ୟବେକ୍ଷଣ କରାଯାଇଥିଲା, ଯାହା ଆତ୍ମନିର୍ଭରଶୀଳ ରଣନୈତିକ ପ୍ରତିରକ୍ଷା ଭିତ୍ତିଭୂମି ଆଡ଼କୁ ଭାରତର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ।

### ଗୋପାଳପୁର ଗଣବଳାତ୍କାର...

ଏନ୍‌ଏଚ୍‌ଆରସି। ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଥିଲା।

### ପହଲଗାମ୍ ଆକ୍ରମଣର...

ସୋମବାର ଶ୍ରୀନଗର ହରୱାନ ଦଚିଗାମ ଜାତୀୟ ଉଦ୍ୟାନ ଅଞ୍ଚଳରେ ସୁରକ୍ଷା ବାହିନୀଙ୍କ ଗୁଳିରେ ୩ ଜଣ ଆତଙ୍କବାଦୀ ନିପାତ ହୋଇଥିଲେ। ଆତଙ୍କବାଦୀଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ଅପରେସନ ମହାଦେବ ନାଁ ଦିଆଯାଇଛି। ଏହି ଅପରେସନରେ ନିହତ ଆତଙ୍କବାଦୀମାନେ ପହଲଗାମ୍ ଆକ୍ରମଣ ସହ ଜଡ଼ିତ ବୋଲି କୁହାଯାଉଥିଲା। ପରବର୍ତ୍ତୀ ସମୟରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ହାସିମ ମୁସା ଏଥିରେ ନିପାତ ହୋଇଥିବା ସୂଚନା ମିଳିଛି।

### ଚଳିତ ଶିକ୍ଷା ବର୍ଷରୁ ସ୍କୁଲ ଶିକ୍ଷକ...

ସୂଚନା ଅନୁସାରେ ଚଳିତ ମାସ ୨୬ ତାରିଖରେ ସମସ୍ତ ଜିଲ୍ଲାର ଶିକ୍ଷାଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ(ସମଗ୍ର ଶିକ୍ଷା)ଙ୍କୁ ଚିଠି ଲେଖାଯାଇଛି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଓ ଜୋତା ଆଦି ଉପକରଣ ବଣ୍ଟନ ସମ୍ପର୍କରେ ଏଥିରେ ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଚଳିତ ଶିକ୍ଷାବର୍ଷ(୨୦୨୫-୨୬)ରୁ ଏହି ନୂତନ ବ୍ୟବସ୍ଥା ଲାଗୁ ହେବ। ସରକାର ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମୁଣ୍ଡପିଛା ୫୦୦ଟଙ୍କାରେ ୧ହଳ ଜୋତା, ୨ହଳ ମୋଜା, ଗୋଟିଏ ଟି-ସାର୍ଟ ଓ ଟ୍ରାକ ପ୍ୟାଣ୍ଟ, ଗୋଟିଏ ଟୋପି(ବ୍ରାଣ୍ଡିଂ ସହ) ଓ ଗୋଟିଏ ଆଇକାର୍ଡ ପ୍ରଦାନ କରାଯିବ।

### ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗାମ୍...

ସାର୍ଟିଫିକେଟ ଡାଉନଲୋଡ୍ ନେଇ କୌଣସି କାମ କରି ହେଉନଥିବା ଅଭିଯୋଗ ହୋଇଛି। କେମିତି ୱେବସାଇଟ୍ ହ୍ୟାକ୍ ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଉଚ୍ଚ ଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଛି। ପେଜ୍‌ରେ କେହି ଅଶ୍ଳୀଳ ଭିଡିଓ ଅପ୍‌ଲୋଡ୍ କରି ଦେଇଥିବା ଅଭିଯୋଗ ହୋଇଥିଲା। ମାତ୍ର କିଛି ସମୟ ପରେ ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ପୂର୍ବଭଳି ଠିକ ହୋଇ ଯାଇଥିଲା। ତେବେ କେମିତି ଏହି ଆକାଉଣ୍ଟ ହ୍ୟାକ ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ନକ୍ସଲ ପ୍ରଭାବିତ ଅଞ୍ଚଳରେ...

ପାଇଁ ଭଲ ଭାବରେ ପ୍ରସ୍ତୁତ କରିବାକୁ ସକ୍ଷମ କରିବ। ଏହା ବ୍ୟତୀତ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବିଶେଷ ସୁବିଧା ଯୋଗାଇ ଦିଆଯାଉଛି।

### ୟୁପିଆଇରେ ବଡ଼ ପରିବର୍ତ୍ତନ...

ନୁହେଁ। ୟୁପିଆଇ ସହ ଜଡ଼ିତ ଅଟୋ ପେମେଣ୍ଟ ନିୟମରେ ପରିବର୍ତ୍ତନ ହେବ। ସବସ୍କ୍ରିପ୍ସନ ଆଧାରିତ ଅଟୋ ଡେବିଟ କେବଳ ନନ୍‌ପିକ୍ ଟାଇମ୍ ପ୍ରୋସେସ କରାଯିବ। ଅର୍ଥାତ ସକାଳ ୧୦ ପୂର୍ବରୁ କିମ୍ବା ଅପରାହ୍ନ ୧ରୁ ସନ୍ଧ୍ୟା ୫ଟା ମଧ୍ୟରେ ହିଁ ୟୁପିଆଇରେ ଅଟୋ ଡେବିଟ ହେବ। ଏହାଛଡ଼ା ଯଦି କୌଣସି ପେମେଣ୍ଟ ଅଟକି ରହିଥିବ, ତେବେ ଏହାର ଷ୍ଟାଟସ୍ କେବଳ ୩ ଥର ହିଁ ଚେକ୍ କରପାରିବେ ୟୁଜର୍ସ। ଅତି କମ୍‌ରେ ୯୦ ସେକେଣ୍ଡ ଅନ୍ତରାଳରେ ଅଟକି ରହିଥିବା ପେମେଣ୍ଟ ଷ୍ଟାଟସ ଚେକ୍ କରିପାରିବେ।

### ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛଳ...

ଯୋଗାଇଦେବା ଉଦ୍ଦେଶ୍ୟରେ ନିର୍ବାଚିତ ହୋଇଥିବା ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ସମେତ ପଞ୍ଚାୟତର ସାମାଜିକ କର୍ମୀଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି ବୋଲି କହିଛନ୍ତି ମନ୍ତ୍ରୀ।

# ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଡିଆରଏମ ଭାବରେ ଆଲୋକ ତ୍ରିପାଠୀଙ୍କ ଯୋଗଦାନ



**ଖୋର୍ଦ୍ଧା ରୋଡ୍, ନ୍ୟୁଜ ବ୍ୟୁରୋ**
୧୯୯୮ ବ୍ୟାଚର ଭାରତୀୟ ରେଳବାଇ ଟ୍ରାଫିକ୍ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ଆଲୋକ ତ୍ରିପାଠୀ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ଏଚ୍.ଏସ୍. ବାଜୱାଙ୍କଠାରୁ ଶ୍ରୀ ତ୍ରିପାଠି ଦାୟିତ୍ୱ ଗ୍ରହଣ କରିଛନ୍ତି, ଯିଏ ଖୋର୍ଦ୍ଧା ରୋଡ୍ ଡିଭିଜନରେ ଉତ୍ସର୍ଗୀକୃତ ଏବଂ ପ୍ରତିବଦ୍ଧତାର ସହିତ ସେବା କରିଥିଲେ । ରେଳମଣ୍ଡଳର ସମସ୍ତ ବିଭାଗ ଶ୍ରୀ ତ୍ରିପାଠିଙ୍କୁ ସ୍ୱାଗତ କରୁଛି ଏବଂ ଅଧିକ ସଫଳତା ହାସଲ କରିବାରେ ତାଙ୍କ ନେତୃତ୍ୱକୁ ଅପେକ୍ଷା କରିଛି । ଏହି ନୂତନ ନିଯୁକ୍ତି ପୂର୍ବରୁ, ଶ୍ରୀ ତ୍ରିପାଠୀ ନୂଆଦିଲ୍ଲୀର ରେଳବାଇ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବରେ କାର୍ଯ୍ୟ କରୁଥିଲେ । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବଳିଷ୍ଠ କ୍ୟାରିଅର ସହିତ, ସେ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ଆଣିଛନ୍ତି। ଶ୍ରୀ ତ୍ରିପାଠୀ ନ୍ୟାସନାଲ ହାଇ ସ୍ପିଡ୍ ରେଳ କର୍ପୋରେସନ ଲିମିଟେଡ୍‌ରେ ଜେନେରାଲ ମ୍ୟାନେଜର ସମେତ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଡେପୁଟେସନ୍ ରେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କର ପୂର୍ବ ଭୂମିକାରେ ସେ ଅହମ୍ମଦାବାଦରେ ସହାୟକ ଅପରେସନ୍ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ୍ ଅପରେସନ୍ ମ୍ୟାନେଜର ଏବଂ ପଶ୍ଚିମ ରେଳବାଇରେ ଏରିଆ ମ୍ୟାନେଜର ଅନ୍ତର୍ଭୁକ୍ତ । ସେ ରାଜକୋଟ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଏବଂ ଉଭୟ ରାଜକୋଟ ଏବଂ ରତଲାମ ରେଳମଣ୍ଡଳରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଜାନୁଆରୀ ୧୨, ୧୯୭୪ ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ତ୍ରିପାଠୀ ୨୦ ସେପ୍ଟେମ୍ବର ୧୯୯୯ରେ ଭାରତୀୟ ରେଳବାଇରେ ଯୋଗ ଦେଇଥିଲେ । ସେ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି ଯାହା ତାଙ୍କ ପ୍ରଶାସନିକ ବିଶେଷଜ୍ଞତାକୁ ଏକ ଦୃଢ଼ ବୈଷୟିକ ଭିତ୍ତିଭୂମି ଆଣିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ ଭାବରେ ଶ୍ରୀ ତ୍ରିପାଠୀ ପୂର୍ବତଟ ରେଳପଥର ସବୁଠାରୁ ବ୍ୟସ୍ତତମ ରେଳମଣ୍ଡଳରେ କାର୍ଯ୍ୟକ୍ଷମ ଦକ୍ଷତା, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବାର ଆଶା କରାଯାଉଛି ।

# ଗଞ୍ଜାମ ଜିଲ୍ଲାକୁ ସବୁ କ୍ଷେତ୍ରରେ ନଂ-୧ କରିବାକୁ ନୂଆ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ଜିଲ୍ଲାପାଳ ଭାବେ ଭି. କୀର୍ତ୍ତି ଭାଷନ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୦୧୮ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀ କୀର୍ତ୍ତି ଭାଷନ ନିଜ କାର୍ଯ୍ୟାଳୟ ପରିସରରେ ଦାୟିତ୍ୱ ଗ୍ରହଣ କରିବା ପରେ ଅଭିଯୋଗ ଶୁଣାଣି ପ୍ରାଥମିକତା ରହିବ ବୋଲି ସେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏହାକୁ ଯେପରି ଗୁରତ୍ୱ ଦେଇ ଆସିଛନ୍ତି ସେହିପରି ଜିଲ୍ଲାରେ ଜିଲ୍ଲାସ୍ତରଠାରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି କରାଯିବ ବୋଲି କହିଛନ୍ତି । ଜିଲ୍ଲାର ଉନ୍ନୟନ କାର୍ଯ୍ୟରେ ସମସ୍ତ ସହଯୋଗରେ କରାଯିବ । ଜିଲ୍ଲାର ପୂର୍ବ ଅଭିଜ୍ଞତା ରହିଛି ତାହାକୁ ନେଇ କାର୍ଯ୍ୟ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି । ଯେପରି ଗଞ୍ଜାମ ଜିଲ୍ଲା ନମ୍ବର ୧ ହୋଇପାରିବ ସେନେଇ ସମସ୍ତ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ନୂଆ ଜିଲ୍ଲାପାଳ। ଜିଲ୍ଲାପାଳ ପୂର୍ବରୁ ଜିଲ୍ଲା ଗ୍ରାମ୍ୟ ଉର୍ଣ୍ଣୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରି ଆସିଛନ୍ତି । ସେ ଏହା ପୂର୍ବରୁ କୋରାପୁଟ ଜିଲ୍ଲାପାଳ ଥିଲେ। ଜିଲ୍ଲାପାଳ ଦାୟିତ୍ୱ ନେବା ପୂର୍ବରୁ ମା' ତାରାତାରିଣୀଙ୍କ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦେବ ଦତ୍ତ ପଣ୍ଡା, ଉପଜିଲ୍ଲାପାଳ ଛତ୍ରପୁର ଶିବାଶିଷ ବରାଳଙ୍କ ସମେତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ।

**GOVERNMENT OF ODISHA**
**OFFICE OF THE**
**BLOCK DEVELOPMENT OFFICER, DASPALLA**
**P.R & D.W DEPARTMENT**
******
E-Mail:- ori-daspalla@nic.in
**i-244**

**"e" Procurement Tender Call Notice for Building works**
**Tender Call Notice No./01/2025-26 &**
**Bid Identification No.- Online Tender-01/2025-26**
Letter No: 3787 / Date: 24.07.2025

1. Name of the work : Building work.
2. Total Number of works : 5 Nos
3. Approx. Estimated cost : Rs. 25.21 lakh
4. Class of Contractor : B & C Class of Contractor
5. Period of Completion : 6 months
6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Block Development Officer, Daspalla | Online Tender / 01/2025-26 | Dt. 29.07.2025 at 11:00 A.M. | Dt. 13.08.2025 up to 5.00 P.M. | Dt. 13.08.2025 up to 1.00 P.M | Dt. 14.08.2025 at 11.00 A.M. |

**Further details can be seen from the website www.tendersodisha.gov.in**
**Block Development Officer**
**Daspalla.**
OIPR-19119/11/0007/2526

# ଆୟୁଷ୍ମାନ ଯୋଜନାରେ ରାଜ୍ୟରେ ୩ମାସରେ ଅଢେଇ ଲକ୍ଷ ପାଇଲେଣି ଚିକିତ୍ସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଆୟୁଷ୍ମାନ ଯୋଜନା ଅଧିନରେ ତିନି ମାସରେ ଓଡ଼ିଶାର ଅଢ଼େଇ ଲକ୍ଷ ଲୋକଙ୍କୁ ମିଳିଲାଣି ଚିକିତ୍ସା ସୁବିଧା। ନୂଆ ସରକାର ଆସିବା ଏପ୍ରିଲ ୧୧ ତାରିଖରେ ଓଡ଼ିଶାରେ ଲାଗୁ ହୋଇଥିଲା ଆୟୁଷ୍ମାନ ଭାରତ ଯୋଜନା । ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ ଏପ୍ରିଲ ୧୧ ରୁ ଜୁନ ୩୦ ତାରିଖ ମଧ୍ୟରେ ଅର୍ଥାତ ତିନି ମାସରେ ରାଜ୍ୟର ୨ ଲକ୍ଷ ୬୨ ହଜାର ୯୧ ଜଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ମିଳିଛି । ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩ କୋଟି ୪୪ ଲକ୍ଷ ୭୨ ହଜାର ୨୩୭ ଜଣ ଲୋକଙ୍କର ହୋଇ ସାରିଲାଣି ଆୟୁଷ୍ମାନ କାର୍ଡ ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୯ ଜୁଲାଇ,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

## ଅଗଷ୍ଟ ୪ରୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା

# ମୁକ୍ତିମଣ୍ଡପ କୁଞ୍ଜରେ ଝୁଲିବେ ମଦନମୋହନଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ

**ପୁରୀ,୨୮/୦୭ ନ୍ୟୁଜ ବ୍ୟୁରୋ**

ଅଗଷ୍ଟ ୪ ତାରିଖ ସୋମବାରଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବାକୁ ଯାଉଛି ଝୁଲଣ ଯାତ୍ରା । ଠାକୁରଙ୍କ ଏହା ହେଉଛି ବର୍ଷାକାଳୀନ ରାହାସ ଉତ୍ସବ । ଶ୍ରୀମନ୍ଦିର ମୁକ୍ତିମଣ୍ଡପ କୁଞ୍ଜରେ ଝୁଲିବେ ଶ୍ରୀମଦନମୋହନଙ୍କ ସହ ଲକ୍ଷ୍ମୀ ଓ ସରସ୍ୱତୀ। ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଲୀଳା ସ୍ମରଣେ ଚଳଚଞ୍ଚଳ ହେବ ମଠ ମନ୍ଦିର । ସୁସଜ୍ଜିତ ଝୁଲଣ କୁଞ୍ଜରେ ବିଜେ ହେବେ ଦେବାଦେବୀ । ଶ୍ରଦ୍ଧାଳୁମାନେ ଦେବାଦେବୀଙ୍କୁ ଦର୍ଶନ କରିବା ସହ ଝୁଲଣ ସଜ୍ଜାର ଆନନ୍ଦ ନେବେ । ଆଉ ମାତ୍ର ସପ୍ତାହକ ପରେ ଝୁଲଣ ଯାତ୍ରା । କୁଞ୍ଜକାନନର ପଶୁପକ୍ଷୀଙ୍କ କଳରବ ମଧ୍ୟରେ ଠାକୁରେ ଝୁଲୁଥିବେ। ଯାତ୍ରା ପାଇଁ ଶ୍ରୀମନ୍ଦିର



ସମେତ ମଠବାଡ଼ିରେ ପ୍ରସ୍ତୁତି ଚାଲିଛି। ମୁକ୍ତିମଣ୍ଡପରେ ଝୁଲଣ ମଣ୍ଡପରେ ସଜାସଜି ସମ୍ପନ୍ନ ହେବ । ମହୋତ୍ସବ ପାଇଁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ନୀତି। ମହାପ୍ରଭୁଙ୍କ ମଧ୍ୟାହ୍ନଧୂପ ପରେ ତିନି ବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ମହାଜନମାନେ ସିଂହାସନରୁ ଲକ୍ଷ୍ମୀ ସରସ୍ୱତୀଙ୍କୁ ଓ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ବିଜେ କରାଇବେ । ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବେ । ତିନି ବାଡ଼ରେ ଆଳତି ହେବ । ଏହାପରେ ତିନି ମୂର୍ତ୍ତିଙ୍କୁ ଝୁଲଣମଣ୍ଡପ ଦୋଳିକୁ ଅଣାଯିବ। ୭ ଦିନ ବ୍ୟାପି ଚାଲିବ ଯାତ୍ରା । ଦ୍ୱାପର ଯୁଗ ଆଧାରିତ ଶ୍ରୀକୃଷ୍ଣ ଲୀଳା ଓ ପ୍ରକୃତିର ରଙ୍ଗରୂପ ପ୍ରସ୍ତୁତ ହେଉଛି । ପାରମ୍ପରିକ କାରିଗରୀର ଜରିଜମ୍ଭୁରା ସାଜରେ ଝଲସିବ କୁଞ୍ଜ । ଏଭଳି କାରିଗରୀ କାମ ପୁରୀରେ ସ୍ୱତନ୍ତ୍ର । କୁଞ୍ଜରେ ଶୁଆଶାରୀ, ବଣିପାରା, ଗୁଣ୍ଡୁଚି ମୂଷା, ଗାଈ, ମାଙ୍କଡ ଆଦି ମୂର୍ତ୍ତି ଖଞ୍ଜାଯାଉଛି । ଜୀବଜନ୍ତୁଙ୍କ ଛାଞ୍ଚରେ ସୋଲପଟିରେ କାଗଜ ଗୁଡ଼ାଯାଇ ରଙ୍ଗ ଦିଆଯାଏ । କାରିଗରମାନେ ମଠରେ ଥିବା ସାଜକୁ ସଜାଡ଼ି କୁଞ୍ଜ ନିର୍ମାଣରେ ଲାଗିଛନ୍ତି। ୧୦ ତାରିଖ ରବିବାର ବଡ଼ଦେଉଳରେ ଝୁଲଣ ଯାତ୍ରା ଶେଷ ହେବ ।

## ଶ୍ରୀଲିଙ୍ଗରାଜଙ୍କ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼



**ଭୁବନେଶ୍ୱର,୨୮/୭ନ୍ୟୁଜ ବ୍ୟୁରୋ**

ଶ୍ରାବଣ ତୃତୀୟ ସୋମବାରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଖରେ ଜଳଲାଗି କରିବାକୁ ଏକାମ୍ର କ୍ଷେତ୍ରରେ ଲାଗିଥିଲା କାଉଡ଼ିଆଙ୍କ ଭିଡ଼ । ଶ୍ରାବଣର ତୃତୀୟ ସୋମବାରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମସ୍ତକରେ ଜଳଲାଗି କରିଛନ୍ତି କାଉଡ଼ିଆ। ବିଳମ୍ବିତ ରାତିରୁ ହଜାର ହଜାର ବୋଲବମ ଭକ୍ତଙ୍କ ସମାଗମ ହୋଇଥିଲା। ଲମ୍ବାଲାଇନ ଲଗାଇ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଖରେ ଜଳଲାଗି କରିବାକୁ ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଜଳଲାଗି ଓ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ କମିସନରେଟ ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଭୋର ୩ ଟାରେ ଶ୍ରୀଲିଙ୍ଗରାଜଙ୍କର ଦ୍ୱାରଫିଟା ନୀତି ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ହୋଇଥିଲା। ଭୋର ସାଢ଼େ ତିନିଟାରୁ ଆରମ୍ଭ ହୋଇଥିଲା କାଉଡ଼ିଆଙ୍କ ଜଳଲାଗି। ଦିନ ବାରଟା ପର୍ଯ୍ୟନ୍ତ ଏହା ଲାଗି ରହିଥିଲା। ବାରଟା ପରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ମହାସ୍ନାନ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ,୨୮/୦୭ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ନୀତି ସମୟରେ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇ ନଥିବା ବେଳେ ଦଇତାପତି ସେବକମାନେ ଠାକୁରଙ୍କ ଏହି ସେବା କରିଥିଲେ । ଶ୍ରୀମନ୍ଦିର ପ୍ରଶାସନର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସୂଚନା ଅନୁସାରେ ସୋମବାର ଅପରାହ୍ନ ୬ଟାରୁ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଦର୍ଶନ କଟକଣା ରହିଥିଲା। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରି ଠାକୁରଙ୍କ ଖସାପଡ଼ା ନୀତି ସମ୍ପନ୍ନ କରିଥିଲେ। ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏହି ନୀତି ପାଳନ କରାଯାଏ ।

## ଶ୍ରାବଣ ମାସର ତୃତୀୟ ସୋମବାରରେ ଚଳଚଞ୍ଚଳ ଧବଳେଶ୍ୱରଙ୍କ ପୀଠ



**ଆଠଗଡ଼, ୨୮/୦୭ ନ୍ୟୁଜ ବ୍ୟୁରୋ**

ଶ୍ରାବଣ ମାସର ତୃତୀୟ ସୋମବାରରେ ଚଳଚଞ୍ଚଳ ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠ। ହଜାର ହଜାର ଶ୍ରଦ୍ଧାଳୁ ଓ କାଉଡିଆମାନେ କଂକ୍ରିଟ ସେତୁ ଦେଇ ଆସି ବାବା ଧବଳେଶ୍ୱରଙ୍କ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି । ବିଶ୍ୱାସ ରହିଛି ଯେ, ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ। ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥାନ୍ତି ଏହି ପବିତ୍ର ପୀଠକୁ। ଧର୍ମୀୟ ବିଶ୍ୱାସ ରହିଛି ଶ୍ରାବଣ ମାସର ସୋମବାରରେ ବାବା ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ । ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥାନ୍ତି ଏହି ପବିତ୍ର ପୀଠକୁ। ପୂଜକ ସମିତି ପକ୍ଷରୁ ରାତ୍ର ୪ଟାରେ ପହଡ ଖୋଲାଯାଇ ୧୦୮ କଳସ ପବିତ୍ର ଜଳରେ ବାବାଙ୍କୁ ସ୍ନାନ କରି ମଙ୍ଗଳାଆଳତୀ ପରେ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା । ଏହା ପରେ ଶ୍ରଦ୍ଧାଳୁମାନେ ଜଳଲାଗି କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇ ଭକ୍ତଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ବେଙ୍ଗଲୀସ ଫ୍ରମ୍ ଓଡ଼ିଶାର ୧୦ମ ବର୍ଷପୂର୍ତ୍ତି ଉତ୍ସବ ପାଳିତ



ଅନ୍ୟତମ ସୋସିଆଲ ମେଡ଼ିଆ ଗ୍ରୁପ ବେଙ୍ଗଲୀସ ଫ୍ରମ ଓଡ଼ିଶା ଇତି ମଧ୍ୟରେ ୧୦ ବର୍ଷରେ ପଦାର୍ପଣ କରିଛି । ଏଥିନିମନ୍ତେ ଏହି ଗ୍ରୁପ୍‌ର ସଦସ୍ୟ ଗଣ ରବିବାର ସନ୍ଧ୍ୟାରେ ଏକତ୍ରିତ ହୋଇ କଟକ ଟାଉନହଲ୍ ଠାରେ କେକ୍ କାଟିବା ସହ ବିଭିନ୍ନ ପ୍ରକାର ମନୋରଞ୍ଜନ ଧର୍ମୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦ ଉଲ୍ଲାସରେ ୧୦ ତମ ଜନ୍ମଦିନ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସଦସ୍ୟ ସାମିଲ ହୋଇଥିଲେ । ଏହି ଉତ୍ସବରେ ବିଶିଷ୍ଟ ଲେଖିକା ତଥା ଅନୁବାଦିକା ସୁପ୍ରଭା ରାୟ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ କେ.ଭି ସିଂହଦେଓ

# ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ଆଲୋଚନା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସୋମବାର ଦିଲ୍ଲୀ ଗସ୍ତ କରିଛନ୍ତି। ତାଙ୍କ ଗସ୍ତ ସମୟରେ ସେ ଓଡ଼ିଶାର ସାଂସଦମାନଙ୍କ ସହିତ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ କରିଛନ୍ତି। ଖରିଫ ୨୦୨୪-୨୫ ପାଇଁ



ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ଆଲୋଚନା କରିଛନ୍ତି ଏବଂ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ୨୦୨୪-୨୫ ସମୟରେ ଓଡ଼ିଶା ରେକର୍ଡ ପରିମାଣର ୯୨,୬୪,୨୩୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଛି, ଯାହା ୬୨,୬୨,୦୮୬ ମେଟ୍ରିକ ଟନ୍ ଚାଉଳ ସହିତ ସମାନ, ଯାହା ରାଜ୍ୟ ଇତିହାସରେ ଏପର୍ଯ୍ୟନ୍ତ ସର୍ବାଧିକ ସଂଗ୍ରହ। ଖରିଫ ଏବଂ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହିଛି, ଯାହାକୁ ଏଫସିଆଇ ଉଠାଇବା ଆବଶ୍ୟକ। ଏଫସିଆଇ ଦ୍ୱାରା ବଳକା ଚାଉଳ ସ୍ଥାନାନ୍ତରର ଧୀର ଗତି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧା ଦେଉଛି। କେନ୍ଦ୍ରମନ୍ତ୍ରୀ ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ମାଳବିକା ଦେବୀ, ପ୍ରତାପ ଷଡ଼ଙ୍ଗୀ, ଭର୍ତ୍ତୃହରି ମହତାବ, ପ୍ରଦୀପ ପୁରୋହିତ, ସୁକାନ୍ତ ପାଣିଗ୍ରାହୀ, ଅନିତା ଶୁଭଦର୍ଶିନୀ, ଅନନ୍ତ ଚରଣ ନାୟକ, ବିଭୁ ପ୍ରସାଦ ତରାଇ, ଡ଼ ରବୀନ୍ଦ୍ର ନାରାୟଣ ବେହେରା, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ସଚିବ ସଞ୍ଜୀବ ଚୋପ୍ରା ପ୍ରମୁଖ ସାକ୍ଷାତକାର ସମୟରେ ଉପସ୍ଥିତ ଥିଲେ।

# ଠକେଇର ଶିକାର ହେଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ : ୨୫ ଲକ୍ଷ ଟଙ୍କା ନେଇ ଗାଏବ୍ ହୋଇଗଲେ ଦଲାଲ

**ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ**

ସାଧାରଣ ଲୋକ ତ ଠକେଇର ଶିକାର ହେବା ଘଟଣା ଘଟୁଥିବା ବେଳେ ଜଣେ ମନ୍ତ୍ରୀ ବି ଦଲାଲଙ୍କଠାରୁ ବର୍ତ୍ତି ପାରିନାହାନ୍ତି । ଏମିତି ଏକ ଠକେଇର ଶିକାର ହୋଇଛନ୍ତି ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ଜମି ବିକ୍ରି କରିବାକୁ କହି ୨୫ ଲକ୍ଷ ଟଙ୍କା ଠକି ନେଇଛି । ଟଙ୍କା ଫେରାଇବେ ବୋଲି କହି ଭଣ୍ଡାଇ ଚାଲିଛନ୍ତି। ବିଗତ ୪ ବର୍ଷ ହେଲା ଆଉ ସେହି ବ୍ୟକ୍ତି ଜଣଙ୍କ ମନ୍ତ୍ରୀଙ୍କୁ ଧରାଛୁଆଁ ଦେଉନାହାନ୍ତି । ଠକାମିର ଶିକାର ହୋଇ ଶେଷରେ ମନ୍ତ୍ରୀ ଢେଙ୍କାନାଳ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଘର ଢେଙ୍କାନାଳ ଟାଉନ ଥାନା ସିମିଳିଆରେ। ମନ୍ତ୍ରୀ ନଥିବା ସମୟରେ ଅର୍ଥାତ୍ ୨୦୨୧ ମସିହାରେ ସଦର ଥାନା ବଣସିଂହ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲା। ବଣସିଂହ ଅଞ୍ଚଳରେ ଭଲ ମୂଲ୍ୟରେ ଜମି ରହିଛି । କିଣିବାକୁ ଚାହୁଁଥିଲେ ସେ ସେସବୁ ଜମି ଯୋଗାଡ଼ କରିଦେବ ବୋଲି କହିଥିଲା। ମନ୍ତ୍ରୀ କିଣିବାକୁ ରାଜି ହେବାରୁ ଜମି ମାଲିକମାନଙ୍କୁ ଅଗ୍ରୀମ ଦେବାକୁ ପଡ଼ିବ କହି ୨୫ ଲକ୍ଷ ଟଙ୍କା ଉକ୍ତ ବ୍ୟକ୍ତି ଜଣକ ନେଇଯାଇଥିଲା। ମନ୍ତ୍ରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଟଙ୍କା ଦେଇଥିଲେ, ମାତ୍ର ଅନେକ ଦିନ ପର୍ଯ୍ୟନ୍ତ ସେ ଜମି ଯୋଗାଡ଼ କରି ପାରିନଥିଲା। ବିଭିନ୍ନ ବାହାନା କରି ଦିନ ଗଡ଼ାଇ ଚାଲିଥିଲା। ଶେଷରେ ନିରାଶ ହୋଇ ଶ୍ରୀ ପାତ୍ର ଟଙ୍କା ଫେରସ୍ତ ଦେବାକୁ କହିଥିଲେ । ଅଭିଯୁକ୍ତ ୨ଟି ଚେକ୍ ଶ୍ରୀ ପାତ୍ରଙ୍କ ନାମରେ ଦେଇଥିଲା। ତାହା ବ୍ୟାଙ୍କରେ ଜମା କରିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା । ମନ୍ତ୍ରୀ ରି-ପେମେଣ୍ଟ ପାଇଁ ନୋଟିସ୍ ପଠାଇଥିଲେ ସୁଦ୍ଧା ସେ ଦେଇନଥିଲା । ବାରମ୍ବାର କହିବା ପରେ ୨୦୨୪ ନଭେମ୍ବର ୩୦ ତାରିଖ ମଧ୍ୟରେ ସମସ୍ତ ଟଙ୍କା ଫେରସ୍ତ ପାଇଁ ରାଜିନାମା ଦେଇଥିଲା । ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ନଫେରାଇ ୨୦୨୫ ଜାନୁଆରୀ ଶେଷ ସୁଦ୍ଧା ଫେରାଇ ଦେବାକୁ କହିଥିଲା । ଟଙ୍କା ନଦେଇ ଲୁଚକାଳି



ଖେଳିଥିଲା । ଆଉ ଧରାଛୁଆଁ ଦେଇନଥିଲା । ମନ୍ତ୍ରୀ ବୁଝାବୁଝି ପରେ ଜାଣିବାକୁ ପାଇଲେ ଅଭିଯୁକ୍ତ ପାଖରେ କୌଣସି ଜମି ନାହିଁ କିମ୍ବା କୌଣସି ମାଲିକଙ୍କ ସହ ଯୋଗାଯୋଗ କରିନଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ନାଁରେ ମନ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି । ତୁରନ୍ତ ଠକକୁ ଧରିବା ସହ ଟଙ୍କା ଫେରସ୍ତ ପାଇଁ ନିବେଦନ କରିଛନ୍ତି । ଟାଉନ ଥାନା ପୁଲିସ୍ ମାମଲା ରୁଜୁ କରି ଛାନ୍‌ଭିନ୍ ଚଳାଇଛି ।

## ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ୍ ଖାରଜ କଲେ ହାଇକୋର୍ଟ

**ଭୁବନେଶ୍ୱର,୨୮/୭ନ୍ୟୁଜ ବ୍ୟୁରୋ**

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ୍ ଖାରଜ କରିଛନ୍ତି ହାଇକୋର୍ଟ। ଗିରଫଦାରୀ ଏଡ଼ାଇବାକୁ ଆଗୁଆ ଜାମିନ୍ ଆବେଦନ କରିଥିଲେ ବିଷ୍ଣୁପଦ ସେଠୀ। ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଆଗୁଆ ଜାମିନ ଆବେଦନ କରିଥିଲେ ଶ୍ରୀ ସେଠୀ। ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଗୋପାଳପୁର ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ଦାଖଲ

**ବ୍ରହ୍ମପୁର, ୨୮/୭ ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାର ଚାର୍ଜସିଟ୍ ଦାଖଲ ହୋଇଛି। ବ୍ରହ୍ମପୁର ଏସଡିଜେଏମ କୋର୍ଟରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଚାର୍ଜସିଟ୍ ଦାଖଲ କରିଛି। କୋର୍ଟରେ ୫୭୪ ପୃଷ୍ଠା ସମ୍ବଳିତ ଚାର୍ଜସିଟ ଦାଖଲ କରାଯାଇଛି। ବ୍ରହ୍ମପୁର ନିକଟ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ରାଜ୍ୟରେ ହଇଚଇ ଖେଳାଇ ଦେଇଥିଲା । ଜୁନ ୧୫ ତାରିଖ ସନ୍ଧ୍ୟା ସମୟରେ ଘଟିଥିଲା ଏହି ଅଘଟଣ । ପୁରୁଷ ବନ୍ଧୁଙ୍କ ସହ ଛାତ୍ରୀ ଜଣକ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ବେଳେ ୧୦ ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣାର ୪୪ ଦିନ ପରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଛି ।

# ସାଇବର ଲୁଟେରାଙ୍କ ଟାର୍ଗେଟ୍‌ରେ କଲେଜ ଛାତ୍ରଛାତ୍ରୀ

## ଲୋଭନୀୟ ବିଜ୍ଞାପନ ଲିଙ୍କ୍ ପଠାଇ କରୁଛନ୍ତି ମୋବାଇଲ୍ ହ୍ୟାକ୍

**କଟକ,୨୮/୦୭ ନ୍ୟୁଜ ବ୍ୟୁରୋ**

ଇଣ୍ଟରନେଟ୍‌ର ବ୍ୟବହାର ବଢୁଥିଲା ବେଳେ ସାଇବର ଲୁଟେରା ଏହା ମାଧ୍ୟମରେ ବିଭିନ୍ନ କୌଶଳରେ ଲୁଟ୍ କରି ଚାଲିଛନ୍ତି। ବ୍ୟାପକ ସଚେତନତା ସତ୍ତ୍ୱେ ନୂଆ ନୂଆ ବାଟରେ ସେମାନେ ଲୋକଙ୍କ ଆକାଉଣ୍ଟ ସଫା କରି ଦେଉଛନ୍ତି । ଏବେ ଅର୍ଥ ରୋଜଗାର ପାଇଁ ବିଭିନ୍ନ ନିବେଶ ଓ ନିଯୁକ୍ତି ସୁଯୋଗର ଲୋଭନୀୟ ବିଜ୍ଞାପନ ଦେଇ ସାଇବର ଠକମାନେ ଲୋକଙ୍କୁ ନିଜ ଜାଲରେ ଫସାଉଛନ୍ତି । ବିଶେଷ କରି କଲେଜ ଛାତ୍ରଛାତ୍ରୀମାନଙ୍କୁ ଅର୍ଥ ଉପାର୍ଜନର ସୁଯୋଗ ଦେବା ଆଳରେ ଲିଙ୍କ୍ ପଠାଇ ସେମାନଙ୍କ ମୋବାଇଲ ହ୍ୟାକ୍ କରି ଲୁଟୁଛନ୍ତି ।




୧୫ ମିନିଟ୍‌ରେ ୫ ହଜାରକୁ ୧୫ ହଜାର ଟଙ୍କାରେ ପରିଣତ ହେବା ଭଳି ଲୋଭ ଦେଖି ଛାତ୍ରଛାତ୍ରୀମାନେ ସାଇବର ଲୁଟେରା ପଠାଇଥିବା ଆପ୍ ଓ ଲିଙ୍କ ଡାଉନ୍‌ଲୋଡ୍ କରିଦେଉଛନ୍ତି। ପରେ ପେମେଣ୍ଟ୍ ଆପ୍ ଦ୍ୱାରା ସବୁ ଟଙ୍କା ଲୁଟି ନେଉଛନ୍ତି ଠକ । ଏବେ ସମସ୍ତ ହାତରେ ସ୍ମାର୍ଟ ଫୋନ୍ ରହିଛି। ଟଙ୍କା ଦେଣନେଣ ପ୍ରାୟ ଡିଜିଟାଲ୍ ମାଧ୍ୟମରେ କରାଯାଉଛି । ସମସ୍ତଙ୍କ ମୋବାଇଲ୍‌ରେ ବିଭିନ୍ନ ପେମେଣ୍ଟ ଆପ୍ ରହିଛି । ତେବେ ସାଇବର ଠକମାନେ ଅଳ୍ପ ଟଙ୍କା ନିବେଶ କରି ଅଧିକ ଲାଭ ମିଳିବ ବୋଲି ବିଭିନ୍ନ ଆପ୍ ବ୍ୟବହାର କରିବାକୁ ବିଜ୍ଞାପନ ଦେଉଛନ୍ତି । ମୋବାଇଲ୍‌ରେ ସେଭଳି ଆପ୍ ଡାଉନ୍‌ଲୋଡ୍ କରିବା ପରେ ସେଥିରୁ ମଧ୍ୟ ବିଭିନ୍ନ ଲିଙ୍କ୍ ମୋବାଇଲ୍ ନମ୍ବରକୁ ଆସୁଛି । ଉଦାହରଣ ସ୍ୱରୂପ ହଠାତ୍ ମୋବାଇଲ୍‌କୁ ମେସେଜ୍ ଆସୁଛି କି ଗରିବ ଛାତ୍ରଛାତ୍ରୀ ୫ ହଜାର ଟଙ୍କା ନିବେଶ କରନ୍ତୁ, ୪୫ ମିନିଟ୍ ଅପେକ୍ଷା କରନ୍ତୁ ଓ ୧୫ ହଜାର ଟଙ୍କା ପାଆନ୍ତୁ । ଏହାପରେ ଯଦି କୌଣସି ଛାତ୍ରଛାତ୍ରୀ ଏହା ସରକାରଙ୍କ ମେସେଜ୍ ଭାବି କ୍ଲିକ୍ କଲେ ସେଠାରେ ପେମେଣ୍ଟ୍ କରିବାକୁ ଅନୁମତି ମାଗୁଛି । ଥରେ ଅନୁମତି ମିଳିଲେ ମୋବାଇଲ୍ ହ୍ୟାକ୍ କରି ସାଇବର ଠକ ଗ୍ୟାଙ୍ଗ ଟଙ୍କା ସହ ମୋବାଇଲ୍‌ର ଅନେକ ଡାଟା ଚୋରି କରିନେଉଛନ୍ତି । କିଛି ଆପ୍‌ରେ ଓଡ଼ିଆରେ ଲେଖା ଆସୁଛି। ତେଣୁ ଟଙ୍କା ରୋଜଗାର କରିବା ପ୍ରଲୋଭନରେ ଅନେକ ଫସିଯାଉଛନ୍ତି । ଏଥିରେ କଲେଜ ଛାତ୍ରମାନେ ବେଶ୍ ମାତ୍ରାରେ ପ୍ରଭାବିତ ହେଉଥିବା ଜଣାପଡିଛି । ଏ ନେଇ ସାଇବର ବିଶେଷଜ୍ଞ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି । କୌଣସି ଅନାବଶ୍ୟକ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ନାହିଁ କିମ୍ବା କୌଣସି ଲିଙ୍କ ନବୁଝି ଖୋଲନ୍ତୁ ନାହିଁ ବୋଲି ସାଇବର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।